# ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଆମ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ





**■ ବିଶ୍ୱସ୍ତରୀୟ ଭିତ୍ତିଭୂମି ପାଇବ ରାଉରକେଲା ସରକାରୀ ଡାକ୍ତରଖାନା**
**■ ରାଜ୍ୟ ସରକାର ଖର୍ଚ୍ଚ କରିବେ ୬୬୦ କୋଟି ଟଙ୍କା**
**■ ସୁନ୍ଦରଗଡ଼ ମେଡିକାଲ୍ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ**

**ରାଉରକେଲା/ସୁନ୍ଦରଗଡ଼,୨।୩(ସମିସ):** ଆଜି ଓଡ଼ିଶାର ସ୍ୱାସ୍ଥ୍ୟଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ଟିଚିଂ ହସ୍ପିଟାଲ ଉଦ୍‌ଘାଟନ କରିବା ସହ ୪ଟି ମେଡିକାଲର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଶିଳାନ୍ୟାସ କରିଛନ୍ତି। ଏହି କ୍ରମରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଶିଳାନ୍ୟାସ କରିବା ସହ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି। ଆର୍‌ଜିଏଚ୍ ସମ୍ପ୍ରସାରଣ ଲାଗି ୬୬୦ କୋଟି ଟଙ୍କା ବିନିଯୋଗ କରାଯିବ। ଏବେ ଏହି ହସ୍ପିଟାଲରେ ୪୦୦ ଶଯ୍ୟା ରହିଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୮୦୦ ଶଯ୍ୟା ବିଶିଷ୍ଟ କରାଯିବ। ଏହାଛଡ଼ା କ୍ରିଟିକାଲ କେୟାର ସୁବିଧା ସହ ନେଫ୍ରୋଲୋଜି, ନ୍ୟୁରୋଲୋଜି ବିଭାଗ ଖୋଲାଯିବ। "ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଗଠନ ଦିଗରେ ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଦିନଟି ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହୋଇ ରହିବ। ଆଜି ଗୋଟିଏ ଦିନରେ ୫ଟି ମେଡିକାଲ କଲେଜ ଓ ହସ୍ପିଟାଲରେ ୨,୯୫୦ ଶଯ୍ୟା ଯୋଡ଼ିହେଲା। ଏଥିପାଇଁ ରାଜ୍ୟ ସରକାର ୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ବଲାଙ୍ଗିରରୁ ବାରିପଦା, ସୁନ୍ଦରଗଡ଼ରୁ କେନ୍ଦୁଝରର ଓ ବାଲେଶ୍ୱର ସବୁ ଅଞ୍ଚଳର ଜନସାଧାରଣ ଏହା ଦ୍ୱାରା ଉପକାର ପାଇବେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଦିନ ଥିଲା ଓଡ଼ିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢ଼ିଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ୍ୟ ହେବାକୁ ଯାଉଛି। ପ୍ରତିବର୍ଷ ଡାକ୍ତର ଓ ପାରାମେଡିକ୍ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଉଛି। ଆଗରୁ ବର୍ଷକୁ ମାତ୍ର ୩୨୧ ଜଣ ଏମବିବିଏସ୍ ଡାକ୍ତର ଓ ୨୫୪ ଜଣ ବିଶେଷଜ୍ଞ ଡାକ୍ତର ବାହାରୁଥିଲେ। ଏବେ ୨୫୨୫ ଏମବିବିଏସ୍ ଡାକ୍ତର ଓ ୯୭୨ ବିଶେଷଜ୍ଞ ଡାକ୍ତର ବାହାରୁଛନ୍ତି।

କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ, ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲା ଭିମ୍‌ସାର୍ ଓ ରାଉରକେଲା ଆରଜିଏଚ୍‌କୁ ବିଶ୍ୱସ୍ତରୀୟ ହସ୍ପିଟାଲରେ ରୂପାନ୍ତର କରିବା ପାଇଁ ୩ ହଜାର ୪୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟରେ ପ୍ରଚଳିତ ସ୍ୱାସ୍ଥ୍ୟସେବା ଯୋଜନା ଉପରେ ଆଲୋକପାତ କରି ସେ କହିଥିଲେ ଯେ ମୋ ପାଇଁ ପ୍ରତି ଜୀବନ ମୂଲ୍ୟବାନ। ଏଥିପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛୁ। ଧନୀ, ଗରିବ ସମସ୍ତଙ୍କୁ ସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣା ଚିକିତ୍ସା ସୁବିଧା ମିଳୁଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏ ରୂପାନ୍ତରକୁ ଆମେ ସମସ୍ତେ ମିଶି ଆହୁରି ଆଗକୁ ନେବା ଓ "ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ଜରିଆରେ ନୂଆ ଓଡ଼ିଶାର ଭିତ୍ତିକୁ ମଜବୁତ କରିବା ବୋଲି ସେ କହିଥିଲେ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି ଅବସରରେ କହିଲେ ଯେ ଗ୍ରାମାଞ୍ଚଳର ସବୁ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ଚଳିତ ମାସ ୬ ତାରିଖରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରଠାରୁ ଶୁଭାରମ୍ଭ କରିବେ। ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଲେ ଯେ ତାଙ୍କ ଜିଲ୍ଲା ଗସ୍ତ ସମୟରେ ସେମାନେ ଯେଉଁ ପ୍ରସ୍ତାବ ଓ ଅଭିଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ତାହା ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ ହେବ। ରାଉରକେଲା ଏୟାରପୋର୍ଟଠାରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ରଘୁନାଥପଲ୍ଲୀ ବିଧାୟକ ସୁବ୍ରତ ତରାଇ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଳକର୍ଣ୍ଣି ଯୋଗ ଦେଇଥିଲେ। ସେହିପରି ସୁନ୍ଦରଗଡ଼ରେ "ଆମ ଓଡ଼ିଶା ନବୀନ ଓଡ଼ିଶା' ସଂଯୋଜକ ଯୋଗେଶ ସିଂ ଯୋଗଦେଇ କହିଲେ ଯେ ରାଜ୍ୟବାସୀଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଓଡ଼ିଶାବାସୀ କେବେ ବି ଭୁଲିବେ ନାହିଁ। ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶାକୁ ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ସାରା ବିଶ୍ୱରେ ବେଞ୍ଚମାର୍କ ସୃଷ୍ଟି କରିଛି ବୋଲି କହିଥିଲେ। ଏଠାରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ କୁମାର ଟପ୍ପୋ, ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଡା. ସି.ଏସ ରାଜେନ ଏକ୍କା, ଜିଲ୍ଲାପାଳ ଡ. ପରାଗ ଗଭାଲି, ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ଦୈତାରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ୬୦ ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ତାଲିମ

**ରାଉରକେଲା,୨।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଏହାର ସିଏସ୍‌ଆର୍ ପ୍ରୟାସର ଅଂଶ ସ୍ୱରୂପ ଭାରତ ସରକାରଙ୍କ ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଅଧୀନ ରାସାୟନିକ ଏବଂ ପେଟ୍ରୋକେମିକାଲ୍ ବିଭାଗ ପରିଚାଳିତ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍)ରେ ନିଯୁକ୍ତି ସୁଯୋଗ ପାଇଁ ଦକ୍ଷତା ବିକାଶ ତାଲିମ ନେବାକୁ ପାଶ୍ୱର୍ାଞ୍ଚଳ ଗ୍ରାମରୁ ଆର୍ଥିକ ଅନଗ୍ରସର ଓ ଅବହେଳିତ ବର୍ଗର ୬୦ ଯୁବକଯୁବତୀଙ୍କୁ ପ୍ରାୟୋଜିତ କରିଛି। ସେକ୍ଟର-୨୦ ପାଶ୍ୱର୍ାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ ଉତ୍ସବରେ ଆରଏସପିର ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପ୍ରତାପ କୁମାର ସ୍ୱାଇଁ ଏହି ଯୋଜନା ଅଧୀନରେ ମନୋନୀତ ହୋଇଥିବା ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଥିଲେ। ଏହି ଅବସରରେ ସିଏସଆର ବିଭାଗ ମହାପ୍ରବନ୍ଧକ ମୁନମୁନ ମିତ୍ର, ଉପମହାପ୍ରବନ୍ଧକ ଟି.ବି ଟପ୍ପୋ, ଏଏନ ପତି, ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସିଜିଏମ୍ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ନିଷ୍ଠାପର ଓ ଦୃଢ଼ଚିତ୍ତ ସହକାରେ ତାଲିମ ନେବା ପାଇଁ ପରାମର୍ଶ ଦେଇଥିଲେ ଯାହା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ପାଠ୍ୟକ୍ରମରେ ଯୋଗଦେବାକୁ ୩୦ ଛାତ୍ରଛାତ୍ରୀଙ୍କ ପ୍ରଥମ ବ୍ୟାଚ୍‌କୁ ନେଇ ଯାଉଥିବା ବସ୍‌ର ସେ ପତାକା ଦେଖାଇ ଯାତ୍ରାରମ୍ଭ କରିଥିଲେ। ପ୍ରାରମ୍ଭରେ ମହାପ୍ରବନ୍ଧକ ମିତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପମହାପ୍ରବନ୍ଧକ ପତି




ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗ ଡେପୁଟି ମ୍ୟାନେଜର ରିତା ସୁଧୀରାମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଆରଏସପିର ଏହି ସିଏସଆର ଯୋଜନା ଅଧୀନରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଯଥାକ୍ରମେ ୧୦ ଓ ୬୦ ଜଣ ଛାତ୍ରଛାତ୍ରୀ ପ୍ରାୟୋଜିତ ହୋଇଥିଲେ, ଯେଉଁମାନେ ଅନୁଷ୍ଠାନର କ୍ୟାମ୍ପସ୍ ଚୟନରେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଚୟନୀତ ହୋଇଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ବଛାଯାଇଥିବା ୬୦ ଛାତ୍ରଛାତ୍ରୀଙ୍କୁ ଦୁଇଟି ୩୦ ଜଣିଆ ବ୍ୟାଚରେ ତାଲିମ ପ୍ରଦାନ କରାଯିବ। ଆରଏସପିର ପୁନର୍ବସତି କଲୋନୀ ଏବଂ ପାଶ୍ୱର୍ାଞ୍ଚଳ ବ୍ଲକରୁ ମନୋନୀତ ହିତାଧିକାରୀଙ୍କୁ ସିପେଟ ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣରେ ୬ ମାସ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବ। ପ୍ରଶିକ୍ଷଣ କାଳରେ ବିଦ୍ୟାର୍ଥୀମାନେ ସିପେଟ୍ ଅତ୍ୟାଧୁନିକ ପ୍ରୟୋଗଶାଳାଗୁଡ଼ିକରେ ଜଟିଳ ପ୍ଲାଷ୍ଟିକ ବୈଷୟିକ ଜ୍ଞାନକୌଶଳର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ବିଷୟରେ ଶିକ୍ଷାଲାଭ କରିବେ। ଏହି ଯୁବକଯୁବତୀଙ୍କ ସ୍ଥାୟୀ ଜୀବିକା ପାଇଁ ସିପେଟର ପ୍ରଶିକ୍ଷଣ ଏବଂ ନିଯୁକ୍ତି ସେଲ ମାଧ୍ୟମରେ ତାଲିମ ପରେ ଉକ୍ତ କାର୍ଯ୍ୟକ୍ରମ ନିୟୋଜନ ସୁଯୋଗ ଉପଲବ୍ଧ କରାଇବ। ଦକ୍ଷତା ବିକାଶ ବ୍ୟତୀତ ଏହି କାର୍ଯ୍ୟକ୍ରମ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ଉଦ୍ୟୋଗୀ ଦକ୍ଷତା ପ୍ରଦାନ କରିବାରେ ମଧ୍ୟ ସାହାଯ୍ୟ କରିବ। ଏହି ପାଠ୍ୟକ୍ରମ ପାଇଁ ଆରଏସପି ସିଏସଆର ଛାତ୍ରଛାତ୍ରୀଙ୍କ ଆଡମିଶନ ଏବଂ ପାଠ୍ୟକ୍ରମ ଫି, ବହି, ହଷ୍ଟେଲ ଏବଂ ବୋର୍ଡିଂ ଚାର୍ଜ ଇତ୍ୟାଦିର ସମସ୍ତ ଖର୍ଚ୍ଚ ବହନ କରୁଛି।

# ଆର୍‌ଏସ୍‌ପିର ରୋଲ୍ ସପ୍ ୟୁନିଟ୍‌ରେ ସୁରକ୍ଷା ବୃକ୍ଷ ଉଦ୍‌ଘାଟିତ

**ରାଉରକେଲା,୨।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ହଟ୍ ଷ୍ଟ୍ରିପ୍ ମିଲ୍-୨ସ୍ଥିତ ନୂତନ ରୋଲ୍ ସପ ୟୁନିଟ୍‌ରେ ସମ୍ପୂର୍ଣ୍ଣ ସୁରକ୍ଷା ସଂସ୍କୃତି ପାଇଁ ପ୍ରୟୋଜନୀୟ ମୌଳିକ ଉପାଦାନଗୁଡ଼ିକୁ ଦର୍ଶାଉଥିବା ଏକ ମନୋରମ ନିଜସ୍ୱ ରୂପେ ନିର୍ମିତ ଷ୍ଟ୍ରକଚରାଲ "ସୁରକ୍ଷା ବୃକ୍ଷ'କୁ ଆରଏସପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ ଉଦଘାଟନ କରିଥିଲେ। ଏହି ଅବସରରେ ସିଜିଏମ ମେକାନିକାଲ ଆରଏନ ରାଜେନ୍ଦ୍ରନ, ହଟ ଷ୍ଟ୍ରିପ ମିଲ-୨ ବିଭାଗ ସିଜିଏମ ଆରକେ ମୁଦୁଲି, ସିଆରଏମ, ଏସଏସଏମ, ପାଇପ ପ୍ଲାଣ୍ଟ ଓ ରୋଲ ସପ ବିଭାଗ ସିଜିଏମ ସୁବ୍ରତ କୁମାର, ରୋଲ ସପ ବିଭାଗ ଜିଏମ ଇନ ଚାର୍ଜ ଏସଆର ମହାପାତ୍ର ତଥା ଏଚଏସଏମ-୨ ଓ ରୋଲ ସପ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ନିର୍ବାହୀ ନିର୍ଦ୍ଦେଶକ ସୂର୍ଯ୍ୟବଂଶୀ ରୋଲ ସପ ସାମୁଦାୟିକଙ୍କ ଅଭିନବ ସୁରକ୍ଷା ପଦକ୍ଷେପ ତଥା ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭ୍ୟାସ ପାଇଁ ଦୃଢ଼ ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ସେ ରୋଲ୍ ସପ-୫ରେ ହାଉସକିପିଂ ଉଦ୍ୟମକୁ ମଧ୍ୟ ପ୍ରଶଂସା କରିବା ସହ ଆଗାମୀ ଦିନରେ ୫-ଏସ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ ତଥା ସୁରକ୍ଷା ଓ ହାଉସକିପିଂ ଅଭ୍ୟାସଗୁଡ଼ିକ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ସୁରକ୍ଷା ବୃକ୍ଷ ନିରାପଦ କାର୍ଯ୍ୟ, ରକ୍ଷଣାବେକ୍ଷଣ ଅଭ୍ୟାସ ଏବଂ ହାଉସକିପିଂର ବିଭିନ୍ନ ଦିଗକୁ ସୂଚିତ କରୁଛି।



**କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତରେ ଯୋଜନା ଅପହଞ୍ଚ**

# ପାନୀୟ ଜଳ, ବିଜୁଳି, ରାସ୍ତାଘାଟ ସାତସପନ






**■ ମୌଳିକ ସୁବିଧାରୁ ବଞ୍ଚିତ ହୁଡ଼ିସାହି ବସ୍ତି ବାସିନ୍ଦା**

**ରାଉରକେଲା/କୋଇଡ଼ା,୨।୩(ସମିସ)** ରାଜ୍ୟ ରାଜକୋଷକୁ ସର୍ବାଧିକ ରାଜସ୍ୱ ଦେଉଥିବା ମୂଲ୍ୟବାନ ଖଣିଜ ପ୍ରାଚୁର୍ଯ୍ୟରେ ଭରପୁର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକର ଅନେକ ଗାଁରେ ସ୍ୱାଧୀନତାର ୭୬ ବର୍ଷ ପରେ ବି ବିକାଶର ଆଲୋକ ପହଞ୍ଚି ପାରିନାହିଁ। ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ହେଲେ ଏ ସମସ୍ତ ଯୋଜନା ସେହି ଗାଁଗୁଡ଼ିକରେ ଅପହଞ୍ଚ ହୋଇ ରହିଯାଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତ ଇନ୍ଦପୁର ନିକଟସ୍ଥ ହୁଡ଼ିସାହି।

ସୁନ୍ଦରଗଡ଼ ଜିଲ୍ଲାର କେନ୍ଦୁଝର ସୀମାକୁ ଲାଗିଥିବା ବଣ, ପାହାଡ଼ ଘେରା ସବୁଜିମାରେ ଭରପୁର ଏକଦା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଝଟକୁଥିବା କୋଇଡ଼ା ବ୍ଲକ ଆଜି ଶ୍ରୀହୀନ। ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିବା ଦିନଠାରୁ ସୌନ୍ଦର୍ଯ୍ୟରାଣୀ ସମସ୍ତ ସୁଷମା ହରାଇସାରିଛି। ନା ତା' ଗର୍ଭରେ ଆଉ ରହିଛି ଖଣିଜର ପ୍ରାଚୁର୍ଯ୍ୟ ନା ରହିଛି ସେହି ବଣପାହାଡ଼ର ମନୋରମ ଦୃଶ୍ୟ। ତା'ର ବକ୍ଷରେ ପ୍ରବାହିତ ଚିରସ୍ରୋତା ଝରଣାଗୁଡ଼ିକ କ୍ଷୀଣ ଏବଂ ପ୍ରଦୂଷିତ। ଖଣି ମାଫିଆଙ୍କ ଦ୍ୱାରା ଦିନରାତି ଖଣିଜ ପଦାର୍ଥ ଲୁଟ୍ କୋଇଡ଼ାକୁ ଶ୍ରୀହୀନ କରିସାରିଲାଣି। ଏହି ଅଞ୍ଚଳରୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ରାଜକୋଷକୁ ବର୍ଷକୁ ୪ ହଜାର କୋଟିରୁ ଉର୍ଦ୍ଧ ଟଙ୍କା ରାଜସ୍ୱ ଯାଉଥିବା ବେଳେ ଦୀପ ତଳ ଅନ୍ଧାର ସଦୃଶ କୋଇଡ଼ାର ମାଟି ଉପରେ ରହିଛି ସମସ୍ୟାର ଅମାପ ପାହାଡ଼। ସେହିପରି ଏକ ପଞ୍ଚାୟତ ହେଉଛି ମାଳଦା। ସ୍ୱାଧୀନତାର ୭୬ ବର୍ଷ ପରେ ବି ପଞ୍ଚାୟତର ଇନ୍ଦପୁର ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ଆଲୁଅ ପହଞ୍ଚିନି। ବିଶେଷ କରି ଗାଁର ହୁଡ଼ିସାହି ବାସିନ୍ଦା ଲଣ୍ଠନ ଓ ଡିବିରି ଆଲୁଅରେ ଜୀବନ ବିତାଉଛନ୍ତି। ଖାଲି ବିଦ୍ୟୁତ୍ ନୁହେଁ ଏ ଗ୍ରାମକୁ ରାସ୍ତା ନାହିଁ କି ପାଣି ସୁବିଧା ନାହିଁ। ହୁଡ଼ିସାହି ସ୍ୱାଧୀନତାର ସ୍ୱାଦ ଚାଖି ନ ଥିବା ପରି ସ୍ପଷ୍ଟ ପ୍ରତୀୟମାନ ହୁଏ। କାରଣ ଏହି ଗାଁର ଲୋକେ ଯେପରି ଏକ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଗ୍ରାମବାସୀ ରାସ୍ତାଘାଟ, ବିଜୁଳି ଆଲୁଅ, ପାନୀୟ ଜଳ, ଶିକ୍ଷା ସ୍ୱାସ୍ଥ୍ୟ ସବୁଥିରୁ ବଞ୍ଚିତ। ବିଶେଷକରି ପିଇବା ପାଣି ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ଗାଁର ଆଖପାଖ ଅଞ୍ଚଳରେ ନା ଅଛି କୂଅ, ନା ନଳକୂପ ସୁବିଧା। ଯେଉଁଠି ବି ନଳକୂପ ଅଛି ତାହା ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିଛି। ଫଳରେ ପାଣି ଟୋପାଏ ପାଇଁ ନାଳ ଓ ନାଳ ପାଖରେ ଥିବା ଚୁଆ ହିଁ ଗ୍ରାମବାସୀଙ୍କ ଭରସା ପାଲଟିଛି। ପିଇବା ପାଣି ପାଇଁ ପ୍ରତିଦିନ ୨ କିଲୋମିଟର ଦୂର ଚାଲି ଚାଲି ଯିବାକୁ ପଡ଼ିଥାଏ ଗ୍ରାମବାସୀଙ୍କୁ। ଯେଉଁ ପାଣି ମିଳୁଛି ତାହା ପୁଣି ପିଇବା ଉପଯୋଗୀ ନୁହଁ ବୋଲି କହିଛନ୍ତି ଗ୍ରାମବାସୀ। ଖରାଦିନେ ପାଣି ଟୋପାଏ ପାଇଁ ବସ୍ତି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଳ ନର୍ଦ୍ଦମାର ଦୂଷିତ ପାଣି ପାଇଁ ବସ୍ତି ଲୋକେ ଅନେକ ପେଟ ଜନିତ ରୋଗରେ ପୀଡ଼ିତ ହୋଇ ବସ୍ତି ଛାଡ଼ିବାକୁ ବାଧ ହେଉଥିବା ଅଭିଯୋଗ ହୋଇଛି।

ସେହିପରି ବିଜୁଳି ଆଲୁଅ ପରି ଗୁରୁତ୍ୱପୂର୍ଣ୍ଣ ମୌଳିକ ସୁବିଧାରୁ ହୁଡ଼ିସାହି ବସ୍ତି ବାସିନ୍ଦା ବଞ୍ଚିତ ହୋଇଛନ୍ତି। ଗାଁରେ ବିଜୁଳି ଖୁଣ୍ଟ ଅଛି କିନ୍ତୁ ବିଜୁଳି ସଂଯୋଗ ହୋଇନାହିଁ। ବିଜୁଳି ସଂଯୋଗ ପାଇଁ ବାରମ୍ବାର ଗ୍ରାମବାସୀ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କଠାରେ ଗୁହାରି କରିଛନ୍ତି। ହେଲେ କେହି ଶୁଣିନାହାନ୍ତି। ସେହିପରି ଗାଁର ରାସ୍ତାଘାଟ ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାନେ ରାସ୍ତା ନାହିଁ କହିଲେ ଚଳେ। ଆଖପାଖରେ ଥିବା ଖଣି କମ୍ପାନୀମାନେ ବିଭିନ୍ନ ସମୟରେ ଜନଶୁଣାଣି ଜରିଆରେ ଖଣି ପ୍ରଭାବିତ ଗ୍ରାମଗୁଡ଼ିକର ବିକାଶ ପାଇଁ ପ୍ରତିଶ୍ରୁତି ଦେଉଥିବା ବେଳେ ସେମାନେ ସେହି ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି। ଫଳରେ ହୁଡ଼ିସାହି ପରି ଅନେକ ଗାଁ ଚିର ଅବହେଳିତ। ଅନ୍ୟପଟେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ବହୁମୁଖୀ ଯୋଜନା ଥିବା ସତ୍ତ୍ୱେ ଏହି ଅବହେଳିତ ଗ୍ରାମଗୁଡ଼ିକରେ ଏ ସବୁ ଯୋଜନା ଅପହଞ୍ଚ ରହିଛି। ଏତଦବ୍ୟତୀତ ଏବେ ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ବିଗତ ଦିନର ପ୍ରାକ୍ ନିର୍ବାଚନ ପରି ପୁନର୍ବାର ବିଭିନ୍ନ ରାଜନେତାଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଅପେକ୍ଷା କରିଛନ୍ତି। ବସ୍ତି ବାସିନ୍ଦାଙ୍କ ସମସ୍ୟାକୁ ଅନୁଧ୍ୟାନ କରି ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ବଣାଇଁ ଦୁର୍ଗାପୂଜା ମଣ୍ଡପର ଶିଳାନ୍ୟାସ



**ବଣାଇଁ,୨।୩(ସମିସ):** ଶନିବାର ସକାଳେ ବଣାଇଁ ବସଷ୍ଟାଣ୍ଡ ନିକଟ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବଣାଇଁ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା। ଦୀର୍ଘବର୍ଷ ଧରି ଏକ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜା ହୋଇଆସୁଛି। ସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ବାରମ୍ବାର ପୂଜା କମିଟି ଏବଂ ବଣାଇଁ ଜନସାଧାରଣଙ୍କ ତରଫରୁ ସ୍ଥାନୀୟ ପ୍ରଶାସନ ଓ ନେତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିଲା। ତେବେ ବିଳମ୍ବରେ ହେଉପଛେ ଶେଷରେ ବିଧାୟକଙ୍କ ପ୍ରଚେଷ୍ଟାରେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଅନୁମୋଦନ ହୋଇଥିଲା। ଶନିବାର ବଣାଇଁ ପୂଜା କମିଟିର ସମସ୍ତ ସଦସ୍ୟ ଓ ଜନସାଧାରଣଙ୍କ ଉପସ୍ଥିତିରେ ନଡ଼ିଆ ଭାଙ୍ଗି ବିଧାୟକ ଏହି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ପ୍ରଦୀପ ଜିତ, ବାଣେଶ୍ୱର ସାହୁ, ଦୁର୍ଗାମାଧବ ବେହେରା, ଗିରେନ୍ଦ୍ର ସାହୁ, କମିଟିର ବରିଷ୍ଠ ସଦସ୍ୟ ରୁଦ୍ରଚରଣ ବାରିକ, ବଳଭଦ୍ର ପ୍ରଧାନ, ପୂର୍ବତନ ବଣାଇ ସରପଞ୍ଚ ଶରଦ କୁମାର ସାମନ୍ତଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଫାଶୀ ଦେଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା,୨।୩(ସମିସ):** ଫାଶୀ ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ପ୍ଲାଣ୍ଟସାଇଟ୍ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତକ ହେଲେ ଗୋପବନ୍ଧୁପାଲି କୁଲିଖଟାଲ ବସ୍ତିର ଭୀମ ଯାଦବ (୨୦)। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ ଭୀମ ଖାଇସାରି ନିଜ କୋଠରିକୁ ଯାଇଥିଲେ। ଶନିବାର ସକାଳେ ସେ ଉଠିବା ବିଳମ୍ବ ନେଇ ପରିବାର ଲୋକେ କବାଟ ବାଡ଼େଇଥିଲେ। ହେଲେ ଭୀମ କବାଟ ଖୋଲି ନ ଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ପଶିବା ପରେ ଭୀମ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୀମ ଏଭଳି ପଦକ୍ଷେପ କ'ଣ ପାଇଁ ନେଲେ ତାହା ସ୍ପଷ୍ଟ ହୋଇନାହିଁ।

ପ୍ରେମ ବ୍ୟାପାର ହେଲା କାଳ

## ବାପାମାଆଙ୍କ ଆଗରେ ବିଷପିଇ ଜୀବନ ହାରିଲେ ଯୁବକ

ସୁନ୍ଦରଗଡ଼, ୨।୩(ସମିସ): ପ୍ରେମ ବ୍ୟାପାର କାଳ ହେଲା। ପ୍ରେମ ପାଇଁ ମାନସିକ ଭାରସାମ୍ୟ ହରାଇ ବାପାମାଆଙ୍କ ଆଗରେ ବିଷପିଇ ଜୀବନ ହାରିଛନ୍ତି ଅଳିଅଳ ପୁଅ। ଏପରି ଅଭାବନୀୟ ଘଟଣା ଘଟିଛି ଭଷ୍ମା ଥାନା ଅନ୍ତର୍ଗତ ମୁଣ୍ଡାଗାଁରେ। ମୁଣ୍ଡାଗାଁର ଠୁଲେଶ୍ୱର ନାଏକଙ୍କ ଏକମାତ୍ର



ପୁଅ ହେଉଛନ୍ତି ସଞ୍ଜୀବ ନାଏକ (୨୫)। ସଞ୍ଜୀବ ପ୍ରାୟ ୮ ବର୍ଷ ତଳୁ ମଙ୍ଗସପୁର ଲ୍ୟାମ୍ପ୍‌ସରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଇତିମଧ୍ୟରେ ଅନ୍ୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ବିବାହ କରିବାକୁ ମନସ୍ଥ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଯୁବତୀଙ୍କର ଅନ୍ୟତ୍ର ବିବାହ ଠିକ ହେବାରୁ ସଞ୍ଜୀବ ତାଙ୍କ ପ୍ରେମିକାଙ୍କ ଭାବୀ ସ୍ୱାମୀଙ୍କ ପାଖକୁ ଉଭୟଙ୍କ ମିଳିତ ଫଟୋ ପଠାଇଥିଲେ। ପରେ ଉକ୍ତ ବିବାହ ଭାଙ୍ଗିଯାଇଥିଲା। ଶେଷରେ ସଞ୍ଜୀବଙ୍କ ଏପରି କାର୍ଯ୍ୟ ବିରୋଧରେ ତାଙ୍କ ପ୍ରେମିକା କିଛିମାସ ତଳେ ଥାନା ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଏହାର ସମାଧାନ ହୋଇଥିଲେ ହେଁ ଯୁବତୀ ଜଣକ ତୁମ ପାଇଁ ମୋ ବାହାଘର ଭାଙ୍ଗିଗଲା କହି କୁଆଡ଼େ ମାନସିକ ଯନ୍ତ୍ରଣା ଦେଉଥିଲେ। ଏପରିକି ଅର୍ଥ ମଧ୍ୟ ଦାବି କରି ଆସୁଥିଲେ। ସଞ୍ଜୀବ ଏଥିରେ ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ତାଙ୍କ ପରିବାର ଲୋକଙ୍କ ସମ୍ମୁଖରେ ଘାସଦମନ ଔଷଧ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ସମାଜସେବୀ ପଞ୍ଚାନନ ରଥଙ୍କ ବିୟୋଗ

ରାଉରକେଲା, ୨।୩ (ସମିସ): ନୟାବଜାର ଅଞ୍ଚଳର ଜଣାଶୁଣା ସମାଜସେବୀ ପଞ୍ଚାନନ ରଥଙ୍କ ପରଲୋକ



ହୋଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ୧୯୬୦ରୁ ରାଉରକେଲା ହିନ୍ଦୁସ୍ଥାନ ଷ୍ଟିଲ ଲିମିଟେଡ (ଏଚଏସଏଲ)ରେ ସେ କାର୍ଯ୍ୟ କରୁଥିଲେ। ନୟାବଜାର ବସ୍ତିବାସିନ୍ଦାଙ୍କ ପାଇଁ ତାଙ୍କ ଅବଦାନ ଅତୁଳନୀୟ। ଉକ୍ତ ଅଞ୍ଚଳରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ଦୀର୍ଘ ୩୦ ବର୍ଷ ଧରି ନୟାବଜାର ଜଗନ୍ନାଥ ମନ୍ଦିର କମିଟି ସଭାପତି ଦାୟିତ୍ୱରେ ରହିଥିଲେ। ତାଙ୍କ ବିୟୋଗରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭଷ୍ମା ଥାନାରେ ନୂତନ ଆଇଆଇସି

ସୁନ୍ଦରଗଡ଼, ୨।୩(ସମିସ): ଭଷ୍ମା ଥାନା ଆଇଆଇସି ଭାବେ ଇନ୍ସପେକ୍ଟର ରାମପ୍ରସାଦ ନାଗ କାର୍ଯ୍ୟରେ



ଯୋଗଦେଇଛନ୍ତି। ଇନ୍ସପେକ୍ଟର ନାଗ ମାତ୍ର କିଛି ମାସ ଏଠାରେ ଯୋଗଦେଇଥିବା ବିଦାୟୀ ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲିଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରାଉରକେଲା ପୁଲିସ ଜିଲ୍ଲାର ଉଦିତନଗର ଥାନାରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଇନ୍ସପେକ୍ଟର ମେଣ୍ଡୁଲିଙ୍କର ରାଉରକେଲା ପୁଲିସ ଜିଲ୍ଲାକୁ ବଦଳି ହୋଇଛି।

ଅଘରିଆ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

# 'ଅଘରିଆ ସମାଜ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ଖୋଲା ରହିଛି'

ସୁନ୍ଦରଗଡ଼, ୨।୩(ସମିସ):

ଭଷ୍ମା ଗ୍ରାମରେ ଅଘରିଆ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟିଏ ଟଙ୍କା ମଞ୍ଜୁର କରିବା ସହ ସାଢ଼େ ୪ ଏକର ଜମି ଯୋଗାଇ ଦେଇଛନ୍ତି। ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶ ଗାଙ୍ଗପୁର ଅଞ୍ଚଳ ପକ୍ଷରୁ ଶନିବାର ଅଘରିଆ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅସରରରେ ଆୟୋଜିତ ଉତ୍ସବରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଘରିଆ ସମାଜ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାର ଖୋଲା ରହିଥିବା ଦର୍ଶାଇଥିଲେ। ଆଗାମୀ ଦିନରେ ମଧ୍ୟ ସହାୟତାର ହାତ ବଢ଼ାଇବେ କହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଏ ଦିଗରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ଯୋଗେଶ କୁମାର ସିଂଙ୍କ ନିଷ୍ପାର ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଶ୍ରମ ଓ ନିୟୋଜନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅଘରିଆ ସମାଜର



ଏକତାକୁ ଉଚ୍ଚ ପ୍ରଶଂସା କରି ରାଉରକେଲାରେ ମଧ୍ୟ ସମାଜ ପାଇଁ ଜମି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତା ଯୋଗୁଁ ଅଘରିଆ ଭବନ ନିର୍ମାଣ ସମ୍ଭବ ହୋଇଥିବା ଦର୍ଶାଇ ପ୍ରଶଂସାରେ ପୋତି ପକାଇଥିଲେ।

ଆମ ଓଡ଼ିଶା, ନବୀନ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଅଘରିଆ ଭାଷାରେ ନିଜ ବକ୍ତବ୍ୟ ରଖି ସେ ସବୁବେଳେ ଅଘରିଆମାନଙ୍କ ସହିତ ଅଛନ୍ତି ଓ ରହିବେ ବୋଲି କହିଥିଲେ। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସଙ୍ଗଠନର ରାଜ୍ୟ ନିର୍ବାଚନ ଅଧିକାରୀ ଦୁର୍ଗାମାଧବ ପଟେଲ, ସଙ୍ଗଠନ ସମ୍ପାଦକ ସୁବାସ ନାୟକ, ପୂର୍ବତନ ସଭାପତି ଗଙ୍ଗାଧର ନାଏକ, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପଟେଲ, ଉପଦେଷ୍ଟା ଦିଲୀପ ପଟେଲ, ସଦର ମଣ୍ଡଳ ସଭାପତି ପ୍ରଦୀପ କୁମାର ନାଏକ, ସମ୍ପାଦକ ଦେବେନ୍ଦ୍ର କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ।

ଗାଙ୍ଗପୁର ଅଞ୍ଚଳ ଉପସଭାପତି ଯଶୋବନ୍ତ ନାଏକ ସଭା ପରିଚାଳନା କରିଥିବା ବେଳେ ଗାଙ୍ଗପୁର ଅଞ୍ଚଳ ସଭାପତି ପ୍ୟାରୀମୋହନ ପଟେଲ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ସୁରେଶ କୁମାର ପଟେଲ ବିବରଣୀ ପାଠ ଓ ଦିର୍ଲିପାଲି ଅଞ୍ଚଳ ସଭାପତି ସୁରେନ୍ଦ୍ର କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସ୍ମିତା ନାଏକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉପସ୍ଥିତ ସାମାଜିକ ମହିଳା, ପୁରୁଷଙ୍କ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା।

ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଆଜି

## ଜିଲ୍ଲାରେ ୧,୮୮,୬୦୩ ଶିଶୁଙ୍କୁ ପୋଲିଓ ବୁନ୍ଦା

ସୁନ୍ଦରଗଡ଼, ୨।୩ (ସମିସ): ସୁନ୍ଦରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ରବିବାର ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଜନ୍ମରୁ ୫ ବର୍ଷ ବୟସ୍କ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଜିଲ୍ଲାର ମୋଟ ୧ ଲକ୍ଷ ୮୮ ହଜାର ୬୦୩ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ପାଇଁ ୧୯୦୬ଟି ପୋଲିଓ ବୁଥ କରାଯିବ। ଏହା ସହିତ ମୋଟ ୫୮ଟି ଟ୍ରାନଜିଟ ଟିମ ଏବଂ ୩୩ ମୋବାଇଲ ଟିମ ଦ୍ୱାରା ପୋଲିଓ ଦିଆଯିବ। ରବିବାର ବୁଥ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ସୋମବାର ଓ ମଙ୍ଗଳବାର ଘରକୁ ଘର ପରିଦର୍ଶନ କରି ଅବଶିଷ୍ଟ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବା କାର୍ଯ୍ୟକ୍ରମ ରହିଛି। ଏହାର ସୁଚାରୁରୂପେ ପରିଚାଳନା ପାଇଁ ୨୦୪ ସୁପରଭାଇଜରଙ୍କୁ ତଦାରଖ ପାଇଁ ନିଯୁକ୍ତ କରାଯାଇଛି।

## କୁଣହାଁ କିସାନ ସମାଜର ଆଞ୍ଚଳିକ ଗଙ୍ଗା ଗୁଡ଼ି ମହୋତ୍ସବ





ବାଲିଶଙ୍କରା, ୨।୩(ସମିସ): ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ସାପଡଗର ଗ୍ରାମରେ କୁଣହାଁ କିସାନ ସମାଜର ଆଞ୍ଚଳିକ ଗଙ୍ଗା ଗୁଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଛି। ସାପଡଗର ଗଙ୍ଗା ଗୁଡ଼ି ସଭାପତି ଦୁତିଆ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟଅତିଥି ରୂପେ ସବଡେଗା ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ନିଜ ପରମ୍ପରା, ଶିକ୍ଷା, ସଂସ୍କୃତିକୁ ବଜାୟ ରଖି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ୫୫୦ କୁଣହାଁ ସମାଜର ଜିଲ୍ଲାସ୍ତରୀୟ ସଭ୍ୟ ଅଭିମନ୍ୟୁ ମାଝୀ, ଛତାସର୍ଗି ଗଙ୍ଗା ଗୁଡ଼ି ସଭାପତି ମିତ୍ର କିସାନ, ରାମପୁର ଗଙ୍ଗା ଗୁଡ଼ି ସଭାପତି ଜେନାମଣି କିସାନ, ସାପଡଗର ମହିଳା ସଂଘ ସଭାନେତ୍ରୀ ବିଶାଖା କିସାନ, ବର୍ହାଡେମା ମହିଳା ସଂଘ ସଭାନେତ୍ରୀ ବନିତା କିସାନ, ପେରୁଆଅଡ଼ା ଗ୍ରାମ ସଭାର ସଭାପତି ଜଗଦୀଶ କିସାନ ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି, ଦୁଃଖ ବିପଦରେ ସମସ୍ତେ ଏକଜୁଟ ହୋଇ ପରସ୍ପରକୁ ସହଯୋଗ କରିବା, ସମାଜର ରୀତିନୀତିକୁ ବଞ୍ଚାଇ ରଖିବା ପାଇଁ ଆଲୋଚନା କରିଥିଲେ। ମୁଖ୍ୟଅତିଥି ପ୍ରଧାନ ମହାଗୁଡ଼ି ପ୍ରତିଷ୍ଠା ପାଇଁ କଲ୍ୟାଣ ମଣ୍ଡପରେ ଶିଳାନ୍ୟାସ କରିଥିଲେ। ବୈଠକରେ ୭ଟି ଗୁଡ଼ିର ସମାଜ କର୍ମକର୍ତ୍ତା ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଆସନ୍ତା ୧୦ ତାରିଖ ସାପଡଗର ଗଙ୍ଗା ଗୁଡ଼ିରେ ବାଲିଶଙ୍କରା ବ୍ଲକ, ସବଡେଗା ବ୍ଲକ ତଥା ଛତିଶଗଡ଼ ରାଜ୍ୟର ୨ଟି ବ୍ଲକକୁ ନେଇ କୁଣହାଁ ମହିଳା ସମ୍ମିଳନୀ ହେବା କାର୍ଯ୍ୟକ୍ରମ ରହିଛି। ଶେଷରେ ସାପଡଗର ଗୁଡ଼ି ସଭାପତି ଦୁତିଆ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ; ଅଭିଯୁକ୍ତ ଗିରଫ

ରାଉରକେଲା, ୨।୩ (ସମିସ): କୁଆଁରମୁଣ୍ଡା ବ୍ଲକ ବୀରମିତ୍ରପୁର ଥାନା ଅନ୍ତର୍ଗତ ଜଲଙ୍ଗବିରା ପଞ୍ଚାୟତରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ଜଣେ ୬୦ ବର୍ଷ ବୟସ୍କ ବୃଦ୍ଧ ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀକୁ ଏକ ବାଡ଼ିରେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।



ବୀରମିତ୍ରପୁର ଥାନା ଜଲଙ୍ଗବିରା ପଞ୍ଚାୟତ ନିକଟରେ ବାସ କରୁଥିବା ସାମୁଏଲ ସଏ (୬୦) ଏବଂ ତାଙ୍କ ସ୍ତ୍ରୀ ଫୁଲମଣି ସଏ (୫୫)ଙ୍କ ମଧ୍ୟରେ ସକାଳେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସାମୁଏଲ ଫୁଲମଣିଙ୍କୁ ଏକ ବାଡ଼ିରେ ପିଟି ପିଟି ମାରି ଦେଇଥିଲେ। ବୀରମିତ୍ରପୁର ଏସଡିପିଓ ସୁଶାନ୍ତ କୁମାର ଦାଶ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ସାମୁଏଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ତଳସରା ନିର୍ବାଚନ ମଣ୍ଡଳୀ ବିଜେଡି କର୍ମୀ ସମ୍ମିଳନୀ




ସୁନ୍ଦରଗଡ଼, ୨।୩(ସମିସ): ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତଳସରା ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସବଡେଗା ବ୍ଲକ କରମଡିହି ଦାଏଜମହୁଲଠାରେ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ବୁଥ ସ୍ତରରୁ ଦଳକୁ ମଜବୁତ୍ କରିବା ପାଇଁ ବୁଥ୍ କମିଟି ଗଠନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଶେଷଜ୍ଞ କମିଟି ସଭ୍ୟ ତଥା ତଳସରା ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ, ବରିଷ୍ଠ ନେତା ସନ୍ତୋଷ ଅମାତ, ରାଜ୍ୟ ପରିଷଦ ସଭ୍ୟ ମହମ୍ମଦ ହାରୁନ ରସିଦ, ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମୁକେଶ ପୁରୋହିତ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ବରୁଆ, ବିନୋଦ କୁଜୁର, ଜୟନ୍ତୀ ଏକ୍କା, ବୈଷ୍ଣବ ମାଝୀ, ଜଳନି କେରକେଟା, ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସବଡେଗା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖରଦେଓ, ଜିଲ୍ଲା ସମ୍ପାଦକ ଅରୁଣ ଦୀକ୍ଷିତ, ଉମେଶ ପ୍ରସାଦ ସାହୁ, ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ରଙ୍କ ସମେତ ବାଲିଶଙ୍କରା, ଲେଫ୍ରିପଡ଼ା, ବଡ଼ଗାଁ ଓ ସବଡେଗା ବ୍ଲକର ସମସ୍ତ ପଞ୍ଚାୟତ ସଭାପତି, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବଛାତ୍ର ଓ ମହିଳା ଜନତା ଦଳର ସମସ୍ତ କର୍ମୀ ଯୋଗଦେଇଥିଲେ।

## ପିଏଚ୍.ଡି ଲାଭ



ଡ଼ଃ ନିର୍ମଳା ପଟେଲ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନରୁ କୃଷି ବିଜ୍ଞାନ(ଏଗ୍ରୋନୋମି) ରେ Ph.D ଲାଭ କରିଛନ୍ତି। ସେ Dr.Kalipada Pramanik (Associate Professor of Agronomy) ଏବଂ Dr. Debarati Bhaduri (Senior Scientist ,Soil Science, NRRI, Cuttack)ଙ୍କ ତତ୍ତ୍ୱାବଧାନରେ Ph.D କରୁଥିଲେ। ତାଙ୍କ ସନ୍ଦର୍ଭ "Nitrogen & Micronutrient management in rice under aerobic condition & its residual effect on transplanted mustard crop", Dr. Bikas Chandra Patra (Professor in Agronomy, BCKV West Bengal, India)ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଲେଫ୍ରିପଡା ସୁନ୍ଦରଗଡ଼ ନିବାସୀ ଶ୍ରୀଯୁକ୍ତ ନେତ୍ରମଣି ପଟେଲ ଓ ଶ୍ରୀମତୀ ବିଦ୍ୟୁତ୍‌ଲତା ପଟେଲଙ୍କ ସୁଯୋଗ୍ୟା କନ୍ୟା ଡ଼ଃ ନିର୍ମଳା ପଟେଲ, ବର୍ତ୍ତମାନ GIETU, Gunupu ରେ Assistant Professor ( Agronomy) ଭାବରେ କାର୍ଯ୍ୟରତ ଅଛନ୍ତି।

ସୁନ୍ଦରଗଡ଼ରେ ବିଜେଡିର ମହା ମିଶ୍ରଣ ପର୍ବ

# ସାମିଲ ହେଲେ ଅନ୍ୟ ଦଳର ହଜାରେରୁ ଊର୍ଦ୍ଧ୍ୱ ନେତା, କର୍ମୀ

ସୁନ୍ଦରଗଡ଼, ୨।୩ (ସମିସ):

ସ୍ଥାନୀୟ ସଂସ୍କୃତି ଭବନରେ ବିଜୁ ଜନତା ଦଳର ମହା ମିଶ୍ରଣ ପର୍ବ ଆମ ଓଡ଼ିଶା, ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଉପନଗରପାଳ ତଥା ଟାଉନ ବିଜେଡି ସଭାପତି ଲଲାଟ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ମହା ମିଶ୍ରଣ ପର୍ବରେ ବିଜେପି, କଂଗ୍ରେସ ଏବଂ ଅନ୍ୟ ରାଜନୈତିକ ଦଳ ତଥା ସଙ୍ଗଠନର ଏକ ହଜାରରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ତଥା ରାଜ୍ୟର ଦ୍ରୁତ ବିକାଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ କିଛିଦିନ ତଳେ କଂଗ୍ରେସରୁ ଇସ୍ତଫା ଦେଇଥିବା ଜିଲ୍ଲା କଂଗ୍ରେସ ଉପସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ ବିଜେଡିରେ ଯୋଗଦେଇଛନ୍ତି। ସେହିପରି ଅନ୍ୟ ଟାଣୁଆ ନେତାଙ୍କ ମଧ୍ୟରେ ରଞ୍ଜିତ ପଟେଲ, ଦୀନବନ୍ଧୁ ସା, କରୁଣାକର ରାୟ,



ଲଳିତ ବଗାର, ଦୀପକ ପାଶାୟତ, ସୁନୀଲ ଭୋଇ, ସୋମ୍ୟସେତୁ ପାଟଯୋଶୀ, ତରୁଣକାନ୍ତ ବହିଦାର, ନିଧିଚରଣ କାଲୋ, ଅଧିଷ ପଟ୍ଟନାୟକ, ରାହୁଲ ଅଗ୍ରୱାଲ, ସଚ୍ଚିନ୍ଦ୍ର ମାଝୀ, ମହେନ୍ଦ୍ର ଅମାତ, ଚନ୍ଦ୍ରକାନ୍ତ ନାଏକ, ଗୋପୀନାଥ ପଟ୍ଟନାୟକ, ନାରାୟଣ ଧରୁଆ, ସନ୍ତୋଷ ପଧାନ, କିଶୋର କୁମାର ରାୟଙ୍କ ସମେତ ଆଠକୋଶିଆ ଲୋକ ସଂଗଠନ ସଭାପତି ଆନ୍ନା କୁଜୁର, ଉପସଭାପତି ବିର୍ସା ଲାକ୍ରା, ରୀନା ମୁଣ୍ଡା, ଜକ୍ରିଷ ଟପ୍ପୋ, ଲୁଇସ ଏକ୍କା, ରଞ୍ଜିତ ଟପ୍ପୋ, ଲଳିତ ମାଝୀ, ଉଜାଗର ପ୍ରଧାନ, ଜଗନ୍ନାଥ ନାଏକ, ସପନ ବାଗ ପ୍ରମୁଖ ରହିଛନ୍ତି। ଏହି ମିଶ୍ରଣ ପର୍ବରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମନ୍ତ୍ରୀ ସାରଦା ନାୟକ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ସଦର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ପଦ୍ମଶ୍ରୀ ଦିଲୀପ ତିର୍କୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ଜିଲ୍ଲା ଉପସଭାପତି ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଗୋପାଳ ପ୍ରଧାନ, ସୁକାନ୍ତ ପତି, ଜିଲ୍ଲା ଛାତ୍ର ବିଜେଡି ସଭାପତି ସେହବାଜ ହୁସେନ, ସୁନୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିଓ ବୁନ୍ଦା ପ୍ରଦାନ ପାଇଁ ପ୍ରସ୍ତୁତି

ହେମଗିରି, ୨।୩(ସମିସ): ହେମଗିରି ବ୍ଲକରେ ରବିବାର ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜନ୍ମରୁ ପାଞ୍ଚ ବର୍ଷ ବୟସ୍କ ବ୍ଲକର ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ସିଏଚ୍‌ସିରେ ଟିକା ପହଞ୍ଚାଇ ଦିଆଯାଇଛି। ରବିବାର ସକାଳୁ ସମସ୍ତ ଆଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ତଥା ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଟିକାଦାନ କେନ୍ଦ୍ର କରି ପୋଲିଓ ବୁନ୍ଦା ଦିଆଯିବା ବ୍ୟବସ୍ଥା କରାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ସମଗ୍ର ବ୍ଲକରେ ସୂଚିତ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଶକ୍ତିପ୍ରସାଦ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସହଯୋଗରେ ସୂଚାରୁରୂପେ ଏହି କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଦେଶକୁ ପୋଲିଓମୁକ୍ତ କରିବା ପାଇଁ ସମସ୍ତ ଜନସାଧାରଣ ଏଥିରେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।



## ଏଇଇଙ୍କ ବଦଳି ଦାବିକଲେ ଅଞ୍ଚଳବାସୀ

**ସୁନ୍ଦରଗଡ଼, ୨।୩(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ସରକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ଙ୍କ ବିରୋଧରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କଠାରେ ଗୁରୁତର ଅଭିଯୋଗ ଆଣିଥିଲେ। ସେହିପରି ତାଙ୍କ ବିରୋଧରେ ବିଭିନ୍ନ ଖବରକାଗଜରେ ସମ୍ବାଦ ମଧ୍ୟ ପ୍ରକାଶିତ ହୋଇଥିଲେ ହେଁ ସମ୍ପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ଘଟୁନାହିଁ। ଦୁର୍ନୀତିଖୋର ମନୋଭାବ ନେଇ ଏବେ ବି କାର୍ଯ୍ୟ କରୁଛନ୍ତି। ଫଳରେ ସଦର ଏବଂ ସୁନ୍ଦରଗଡ଼ ଟାଉନର କେତେକ ଜନସାଧାରଣ ଶନିବାର ଏ ନେଇ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ ସଦର ବ୍ଲକରେ ପ୍ରାୟ ୨ ବର୍ଷ ତଳୁ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ୨ ପ୍ରତିଶତ ପିସି ନ ପାଇଲେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଚେକ୍ ମେଜରମେଣ୍ଟ କରୁନାହାନ୍ତି। ପିସି ପାଇଲା ପରେ ନିଜ ଅବହେଳା ଲୁଚାଇବାକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରୁଛନ୍ତି। ଫଳରେ ଉନ୍ନୟନ କାର୍ଯ୍ୟ ବିଳମ୍ବିତ ହେଉଛି। ଏଣୁ ଜନ ସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ସେମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ମେ ୫ରେ ଯୁବ ହଷ୍ଟେଲ୍ସର ତ୍ରୟବାର୍ଷିକ ନିର୍ବାଚନ

**ରାଉରକେଲା, ୨।୩(ସମିସ):** ଭାରତୀୟ ଯୁବ ହଷ୍ଟେଲ୍ସ ରାଉରକେଲା ଶାଖାର ତ୍ରୟବାର୍ଷିକ ନିର୍ବାଚନ ଆସନ୍ତା ମେ ମାସ ୫ ତାରିଖ ସେକ୍ଟର-୩, ବି/୩୫ ସ୍ଥିତ ଯୁବ ହଷ୍ଟେଲ ପରିସରରେ ଅନୁଷ୍ଠିତ ହେବ। ହଷ୍ଟେଲର ସଭାପତି, ଦୁଇ ଉପସଭାପତି, କୋଷାଧ୍ୟକ୍ଷ ଏବଂ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ପରିଚାଳନା ପାଇଁ ଯୁବ ହଷ୍ଟେଲ ରାଜ୍ୟ କମିଟି ଦ୍ୱାରା ରାଉରକେଲା ଶାଖାର ବରିଷ୍ଠ ସଦସ୍ୟ ପିପିକେ ପାତ୍ରଙ୍କ ଆବାହକତ୍ୱରେ ଆନନ୍ଦ ଅଗ୍ରୱାଲ ଏବଂ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ ନେଇ ଏକ ଆଡହକ କମିଟି ଗଠନ କରାଯାଇଛି। ନିର୍ବାଚନ ପାଇଁ ଏପ୍ରିଲ ୪ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ରହିଥିବା ବେଳେ ଏପ୍ରିଲ ୬ ତାରିଖ ପ୍ରାର୍ଥିପତ୍ର ଯାଞ୍ଚ, ମେ ୪ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ମେ ୫ ତାରିଖ ପୂର୍ବାହ୍ନ ୧୧ଟାରୁ ମତଦାନ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ନିର୍ବାଚନ ସମ୍ପର୍କରେ ଅଧିକ ସୂଚନା ପାଇଁ ୭୦୦୮୩୫୨୦୭୬ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ନିଃଶୁଳ୍କ ଦନ୍ତ ଓ ଚକ୍ଷୁ ପରୀକ୍ଷା ଶିବିର




**ରାଉରକେଲା, ୨।୩(ସମିସ):** ହାଇଟେକ୍ ହସ୍ପିଟାଲ ପକ୍ଷରୁ ୱାର୍ଡ-୨୨ ରେଲୱେ କଲୋନୀ ଚର୍ଚ୍ଚରେ ନିଃଶୁଳ୍କ ଦନ୍ତ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ପ୍ରାୟ ୭୦୦ ଲୋକଙ୍କ ପରୀକ୍ଷା କରାଯାଇ ଚଷମା ବଣ୍ଟନ କରାଯାଇଛି। ୩୬ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଡାକ୍ତରଖାନା ପଠାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ଚିକିତ୍ସା କରାଯିବ ବୋଲି ଜଣାପଡ଼ିଛି। ଏହି ଅବସରରେ ବିଜେଡିର ରାଜିନ୍ଦର ଯାଦବ, ବିକାଶ ଜେନା, ମାନସ ମହାନ୍ତି, ରାଜୁ ମଲ୍ଲିକ, କାଳୀ ଦାସ, ସରିତା ସାହୁ, ସଚିନ ସାଗର, ସତ୍ୟଦେବ ପାଣ୍ଡେ, ସଞ୍ଜୁ ନାୟକ, ଶିବ ଶର୍ମା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

● ମାନବିକତା ତରଫରୁ 'ଜୀବନ ଧାରା' କାର୍ଯ୍ୟକ୍ରମ

## ୧୯ ୟୁନିଟ ରକ୍ତ ସଂଗୃହୀତ

**ରାଉରକେଲା, ୨।୩(ସମିସ):** ମାନବିକତା ତରଫରୁ ତ୍ରୟୋଦଶ ପର୍ଯ୍ୟାୟ 'ଜୀବନ ଧାରା' କାର୍ଯ୍ୟକ୍ରମରେ ଶନିବାର ୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରଘୁନାଥପଲ୍ଲୀ



ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୫ ଭିଆଇପି ମାର୍କେଟ ପ୍ରାଙ୍ଗଣରେ ମାନବିକତା ପକ୍ଷରୁ ସ୍ଥାନୀୟ ଯୁବନେତା ସୌମ୍ୟକାନ୍ତ ଧଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି 'ଜୀବନଧାରା' କାର୍ଯ୍ୟକ୍ରମରେ ମାନବିକତାର ଅଧ୍ୟକ୍ଷ ତଥା ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମାସର ପ୍ରତ୍ୟେକ ଶନିବାର ରକ୍ତ ସଂଗ୍ରହ କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହି ରକ୍ତଦାନ ଶିବିର କରି ସେବା ଜାରି ରଖିବାକୁ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ସେଠୀ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଶୁଭନଜିତ ବିଶ୍ୱାସ, ଅଶ୍ୱିନୀ ଧଳ, ସୁକୁମାର ଜେନା, ଶାନ୍ତନୁ ଦାସ, ରାଜା ମଜୁମଦାର, ସରୋଜ ନାୟକ, ବିଶ୍ୱରଞ୍ଜନ ରାଉତ, ସୁବାସ କଂସାରୀ ପ୍ରମୁଖ ଉପସ୍ଥିତ ଥିଲେ।

ରାଉରକେଲାରେ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦି

# 'ସକାରାତ୍ମକ ଚିନ୍ତନ ହିଁ ଚିରନ୍ତନ ଶାନ୍ତିର ମୂଳମନ୍ତ୍ର'






**ରାଉରକେଲା, ୨।୩(ସମିସ)**

ସ୍ଥାନୀୟ ସେକ୍ଟର-୧୩ ପଡ଼ିଆରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ସନ୍ଧ୍ୟାରେ ଆୟୋଜିତ ବିଶାଳ ଆଧ୍ୟାତ୍ମିକ ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଲଣ୍ଡନରୁ ଆସିଥିବା ସଂସ୍ଥାର ଅତିରିକ୍ତ ମୁଖ୍ୟ ପ୍ରଶାସିକା ରାଜଯୋଗୀ ବ୍ରହ୍ମାକୁମାରୀ ଜୟନ୍ତୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ 'ସର୍ବଦା ଖୁସି ରହିବାର ରହସ୍ୟ' ବିଷୟରେ ବକ୍ତବ୍ୟ ରଖି ସେ କହିଲେ, ସକାରାତ୍ମକ ଚିନ୍ତନ ଓ ସନ୍ତୋଷ ଦ୍ୱାରା ମଣିଷ ଜୀବନରେ ଅଫୁରନ୍ତ ଖୁସି ଏବଂ ଚିରନ୍ତନ ଶାନ୍ତି ପ୍ରାପ୍ତ ହୋଇଥାଏ। ଆତ୍ମାର ଗୁଣକୁ ପ୍ରତିଦିନ ଚିନ୍ତନ କରି ପରମାତ୍ମାଙ୍କ ସହିତ ସମ୍ବନ୍ଧ ଯୋଡ଼ିଲେ ହିଁ ଶାନ୍ତି ପ୍ରାପ୍ତ ହେବ। ସେବା ଅନେକ ପ୍ରକାର ରହିଛି। ନିଜେ ସନ୍ତୁଷ୍ଟ ରହିବା ସହ ଅନ୍ୟକୁ ଖୁସି ପ୍ରଦାନ କରି ସନ୍ତୁଷ୍ଟ କରିବା ପାଇଁ ସଦା ପ୍ରୟାସ କରିବା ଉଚିତ୍। ଅନ୍ୟର ସନ୍ତୁଷ୍ଟି ଓ ଖୁସିର ଖବର ତୁମକୁ ଆହୁରି କ୍ରିୟାଶୀଳ ଓ ଶକ୍ତିଶାଳୀ କରି ଗଢ଼ିତୋଳିବ। ସମସ୍ତଙ୍କ ଶୁଭଚିନ୍ତନ ଓ ଆଧ୍ୟାତ୍ମିକ ଚିନ୍ତାଧାରା, ପରମାତ୍ମାଙ୍କ ଚିନ୍ତନ, ନାମକୀର୍ତ୍ତନ ଦ୍ୱାରା କଳିଯୁଗ ବିନାଶ ହୋଇ ସତ୍ୟଯୁଗର ଆବିର୍ଭାବ ନିଶ୍ଚିତ ହେବ ବୋଲି ବ୍ରହ୍ମାକୁମାରୀ ଜୟନ୍ତୀ ଦିଦି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ବଲପୁର ଉପ କ୍ଷେତ୍ରୀୟ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ପାର୍ବତୀ ଦିଦି କହିଲେ, ଆମେ ଏକ ଜ୍ୟୋତି ବିନ୍ଦୁ ଆତ୍ମା। ଆତ୍ମ ଚିନ୍ତନ ଦ୍ୱାରା ମଣିଷକୁ ଅବିନାଶୀ ଖୁସି ଓ ଶାନ୍ତି ପ୍ରାପ୍ତ ହୋଇଥାଏ। ଅନ୍ୟର ନିନ୍ଦା ବ୍ୟତୀତ ଗୁଣ ଓ ଉନ୍ନତିକୁ ବର୍ଣ୍ଣନା କଲେ ମଧ୍ୟ ଖୁସି ମିଳିଥାଏ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଯୋଗଦେଇ ଏଭଳି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଲେ, ସମାଜରେ ନିଃସ୍ୱାର୍ଥପର ସେବା ପ୍ରଦାନ କରିବାରେ ବ୍ରହ୍ମାକୁମାରୀ ସଂସ୍ଥାର ବେଶ୍ ଲୋକପ୍ରିୟତା ରହିଛି। ଆଧ୍ୟାତ୍ମିକ ମାର୍ଗ ଏବଂ ରାଜଯୋଗ ଦ୍ୱାରା ହିଁ ମଣିଷ ଜୀବନରେ ଚିରନ୍ତନ ଶାନ୍ତି ଉପଲବ୍ଧ ହୋଇଥାଏ, ଯାହାକି ବ୍ରହ୍ମାକୁମାରୀ ସଂସ୍ଥାରେ ପରିଲକ୍ଷିତ ହୋଇଥାଏ ବୋଲି ଡ. ତିର୍କୀ କହିଥିଲେ। ରାଉରକେଲା ଇସ୍ପାତ କାରଖାନା ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଉରକେଲା ପରି କସ୍ମୋପଲିଟାନ୍ ସହରରେ ଏଭଳି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ବ୍ରହ୍ମାକୁମାରୀ ସଂସ୍ଥାର ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସୂର୍ଯ୍ୟବଂଶୀ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ, ଆରଏସପି ନିର୍ବାହୀ ନିର୍ଦ୍ଦେଶକ ତରୁଣ କୁମାର ମିଶ୍ର, ଡ. ବିରଞ୍ଚି ନାରାୟଣ ହୋତା, ଅଭୟ କୁମାର ବେହୁରିଆ, ସିଆଇଏସଏଫ କମାଣ୍ଡାଣ୍ଟ ଅଶୋକ ଜାଲୱାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ରାଉରକେଲାରେ ବିଭିନ୍ନ ସମାଜସେବା ତଥା ସକାରାତ୍ମକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୧୨ ବିଶିଷ୍ଟ ବ୍ୟକ୍ତିଙ୍କୁ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ବ୍ରହ୍ମାକୁମାରୀ ଉପକେନ୍ଦ୍ର ସଂଯୋଜିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିମଳା ଦିଦି ସ୍ୱାଗତ ଭାଷଣ ଦେଇଥିଲେ। କୋଲକାତାରୁ ଆସିଥିବା ବ୍ରହ୍ମାକୁମାରୀ କମଳା ଦିଦି ସକାରାତ୍ମକ ଚିନ୍ତନ ଓ ରାଜଯୋଗ ଦ୍ୱାରା ମଣିଷ ଜୀବନରେ ସ୍ଥାୟୀ ଖୁସି ଆସିପାରିବ ବୋଲି କହିଥିଲେ। ବ୍ରହ୍ମାକୁମାରୀ ଅଞ୍ଜଳି ଦିଦି ଏବଂ ବ୍ରହ୍ମକୁମାର ଅମୂଲ୍ୟ କୁମାର ଚକ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମାକୁମାରୀ ଦୀପା ଦିଦି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ସଞ୍ଜୁକ୍ତା ଭଉଣୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଦୁର୍ଗାପୁର ଇସ୍ପାତ କାରଖାନାର ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ନୀଳୋତ୍ପଳ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂତଳ ପାଇପ୍ ଲାଇନ୍ ଜଳସେଚନ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ



**ଫୁଲବାଣୀ, ୨।୩(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ଡଙ୍ଗରପଦରରେ ଲାଲିଆଚାଞ୍ଚଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ଜଳସେଚନ ଯୋଜନାର ଶନିବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଡଙ୍ଗରପଦର, ତେଲିମୁଣ୍ଡା ଓ ଧୁବଲଖମନ ଆଦି ଗ୍ରାମର ଲୋକେ ଉପକୃତ ହୋଇପାରିବେ। ଲାଲିଆଚାଞ୍ଚଡା ପ୍ରକଳ୍ପ ୫୮ ଲକ୍ଷ ୧୮ ହଜାର ମୂଲ୍ୟ ଅଟକଳରେ ପ୍ରଶାସନିକ ସ୍ତରରେ ଅନୁମୋଦନ କରାଯାଇଥିବା ଫୁଲବାଣୀ କ୍ଷୁଦ୍ର ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ସୁନିଲ୍ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବିନିମୟରେ କୁସୁମି ବ୍ୟାରେଜ୍ ଓ ଭୂତଳ ପାଇପ୍ ଲାଇନ୍ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବଣ୍ଟନ ବ୍ୟବସ୍ଥାର ଉଦ୍‌ଘାଟନ ହୋଇଛି। ସେହିପରି ୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବିନିମୟରେ ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଫଳରେ ସେହି ସବୁ ଅଞ୍ଚଳରେ ପିଇବା ପାଣି ସହିତ ଚାଷ ପାଇଁ ଜଳର ଅଭାବ ରହିବ ନାହିଁ। ଚାଷୀମାନଙ୍କ ସହିତ ସବୁବେଳେ ରହିଆସିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଜିର ଏହି ଉଦ୍‌ଘାଟନୀ ଓ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ କନ୍ଧମାଳ ଜିଲ୍ଲାପାଳଙ୍କ ଓ୍ୱାନ୍ ହଲ୍‌ରେ ବିଧାୟକ ଚକ୍ରମଣି କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳକ ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ତୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝି, ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ତ୍ରିପାଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଭୂମି ଚିହ୍ନଟ ବିଳମ୍ବ; ବିକାଶ କାର୍ଯ୍ୟରେ ବାଧା

**ଲହୁଣୀପଡ଼ା, ୨।୩(ସମିସ):** ବିଦ୍ୟାଳୟ ପରିସରକୁ ଅଧିକ ସରସସୁନ୍ଦର ସୁଦୃଢ଼ କରିବା ପାଇଁ ସରକାର ପ୍ରୟାସ ଆରମ୍ଭ କରି ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଅନୁଦାନ ଯୋଗାଇ ଦେଇଛନ୍ତି। ଶ୍ରେଣୀଗୃହଠାରୁ ଆରମ୍ଭ କରି ଖେଳପଡ଼ିଆର ବିକାଶ ପାଇଁ ପାଣ୍ଠି ଯୋଗାଇଛନ୍ତି। କିନ୍ତୁ ବିଦ୍ୟାଳୟ ଜମି ଚିହ୍ନଟ ପ୍ରକ୍ରିୟାରେ ବିଭାଗ ପକ୍ଷରୁ ବିଳମ୍ବ ଯୋଗୁଁ ବିଦ୍ୟାଳୟର ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। କୁଡ଼େଇକଳା ପଞ୍ଚାୟତ ବାସୁବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ଏପରି ଘଟଣା ଦେଖିବାକୁ ମିଳିଛି। ୨୦୨୨ ଜାନୁଆରୀ ୨୯ରେ ଏହି ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀ ବିଦ୍ୟାଳୟ ଜମି ଚିହ୍ନଟ ପାଇଁ କଲେଇପୋଷ ଆରଆଇଙ୍କୁ ଲିଖିତ ଆବେଦନ କରିଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇପାରି




ନ ଥିବାରୁ ବିଦ୍ୟାଳୟ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏପରିକି ବିଦ୍ୟାଳୟ ଖେଳପଡ଼ିଆ ଉନ୍ନତୀକରଣ ପାଇଁ ଆସିଥିବା ଅନୁଦାନ ଖର୍ଚ୍ଚ ହୋଇପାରୁନାହିଁ। ଏ ନେଇ ପ୍ରତିକ୍ରିୟା ପାଇଁ କଲେଇପୋଷ ଆରଆଇଙ୍କୁ ଯୋଗାଯୋଗ କରିବାରୁ ମୁଁ ନୂଆ ଆସିଛି କହି ଘଟଣାକୁ ଏଡ଼ାଇ ଯାଇଛନ୍ତି।

## ଫୁଲବାଣୀ ଆଇଟିଡିଏ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫୁଲବାଣୀ, ୨।୩(ସମିସ):** ଫୁଲବାଣୀ ଆଇଟିଡିଏର ସହକାରୀ ନିର୍ବାହୀଯନ୍ତ୍ରୀ ତୁଷାରେନ୍ଦ୍ର ନାୟକଙ୍କ ମୃତଦେହ ଶନିବାର ତାଙ୍କର ସ୍ଥାନୀୟ ନଦୀଖଣ୍ଡି ସାହିସ୍ଥିତ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ସକାଳ ପ୍ରାୟ ୯ଟା ବେଳେ ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ୨୦ ଦିନ ହେବ ଶ୍ରୀ ନାୟକ ଛୁଟିରେ ଥିବାବେଳେ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଥିଲେ। ଶନିବାର ସରକାରୀ କାର୍ଯ୍ୟରେ ବାହାରକୁ ଯିବାକୁ ଥିବାଯୋଗୁଁ ସକାଳେ ଆଇଟିଡିଏ କନିଷ୍ଠ ଯନ୍ତ୍ରୀ ତାଙ୍କୁ ଫୋନ କରିଥିଲେ। ବାରମ୍ବାର କଲ୍ କରିବା ସତ୍ତ୍ୱେ ସେ ଫୋନ ଉଠାଇ ନ ଥିଲେ। ଫଳରେ କନିଷ୍ଠ ଯନ୍ତ୍ରୀ ଘରକୁ ଯାଇ ଦେଖିବା ବେଳକୁ ସେ ଘର ଭିତରେ ବେକରେ ଦଉଡ଼ି ଦେଇ ଝୁଲୁଥିଲେ। ଏହାପରେ କନିଷ୍ଠ ଯନ୍ତ୍ରୀ ସହକର୍ମୀଙ୍କୁ ଖବର ଦେଇଥିଲେ। ପୁଲିସକୁ ସୂଚନା ଦିଆଯିବା ପରେ ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯନ୍ତ୍ରୀ ତୁଷାରେନ୍ଦ୍ରଙ୍କ ନିଜ ଘର ମୟୂରଭଞ୍ଜ ଜିଲ୍ଲାରେ ଓ ପରିବାର ଭୁବନେଶ୍ୱରରେ ରହୁଥିବା ଜଣାପଡ଼ିଛି। ସେ ଦିନକ ତଳେ ଭୁବନେଶ୍ୱରରୁ ଫେରିଥିଲେ। ପରିବାରକୁ ଲୋକ ଖବର ଦିଆଯିବା ପରେ ସେମାନେ ଆସି ପହଞ୍ଚିଛନ୍ତି।

ଦକ୍ଷତା ବିକାଶ ତାଲିମ ଶିବିର

# ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ବନବିଭାଗର ପ୍ରୟାସ

**ବଣାଇଁ, ୨।୩(ସମିସ)**

ବଣାଇଁ ବନଖଣ୍ଡ ସୋଲ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଜିଆଖତ ପ୍ରସ୍ତୁତି ଓ ଛତୁଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୫ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମୀଣ ଜୀବନ ଜୀବିକା ମିଶନର ନିର୍ଦ୍ଦେଶକ ପ୍ରଫୁଲ୍ଲ ବିଷୋୟୀ, ଶିକ୍ଷାନବୀଶ ସହକାରୀ ବନ ସଂରକ୍ଷକ ମେହେରବାନ ଅଲ୍ଲୀ, ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର କିସାନ, ବନପାଳ ପ୍ରତାପ କୁମାର ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଗିରିଧାରୀ ମାକନ, ସୁରେନ୍ଦ୍ର ସେଠ, ଟିମ୍ ଲିଡର ପ୍ରବୋଧ କୁମାର ସାମଲ ପ୍ରମୁଖ ମଞ୍ଚାସୀନ ହୋଇ ଛତୁଚାଷ କରି କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପାଳଛତୁ, ଶାମୁକା ଛତୁ, ବୋତାମ ଛତୁ ସହ



ଜିଆଖତ ପ୍ରସ୍ତୁତ କରି ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଏହାକୁ ନିଜର ଜୀବିକା ଭାବେ ଆପଣାଇ ପାରିବେ ବୋଲି କୁହାଯାଇଛି। ପରେ ମହିଳାମାନେ ରେଞ୍ଜ ପରିସରରେ ଥିବା ଜିଆଖତ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ଏହାର ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା କରିଥିଲେ। ବନରକ୍ଷୀ ମନୋରଞ୍ଜନ ମାହାନ୍ତି, ସଞ୍ଜୀବ କିସାନ, ଅନୀଲ କୁମାର ପଲେଇଙ୍କ ସମେତ ସମସ୍ତ ବନ ସୁରକ୍ଷା ସମିତି ସଦସ୍ୟ ଉପସ୍ଥିତ ଥିଲେ।

## ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨।୩(ସମିସ):** ରାଉରକେଲା ଫରେଷ୍ଟ ରେଞ୍ଜ ତରଫରୁ ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ପାନପୋଷ ବନାଞ୍ଚଳର ବିଶ୍ରା ଛକରେ ଏକ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ



ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା। ପ୍ରତିବର୍ଷ ସଚେତନତା ଅଭାବରୁ ଜଙ୍ଗଲରେ ନିଆଁଲାଗି ମୂଲ୍ୟବାନ ବୃକ୍ଷ ପୋଡ଼ି ପାଉଁଶ ହୋଇଥାଏ। ବନ୍ୟଜନ୍ତୁ ମଧ୍ୟ ପ୍ରଭାବିତ ହୋଇଥାନ୍ତି। ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଜିର କାର୍ଯ୍ୟକ୍ରମରେ ବନପାଳ ପ୍ରଦୀପ କୁମାର ସାହୁ, ରୀତାଞ୍ଜଳି ଶତପଥୀ, ବନରକ୍ଷୀ ରଜତ କୁମାର ମହାନ୍ତି, ଅଲିଅଳ ବେହେରା, ଯଶୋଦା ମହନ୍ତ, ଶ୍ରୀମତୀ ଗୀତାଙ୍କ ସମେତ ଫରେଷ୍ଟ ସ୍କ୍ୱାଡ୍ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଗୋପବନ୍ଧୁପାଲ୍ଲୀ, ବନ୍ଧମୁଣ୍ଡା, ତୁମେର୍ଡ଼ା ଅଞ୍ଚଳରେ ପଥପ୍ରାନ୍ତ ନାଟକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନାଟକ ମାଧ୍ୟମରେ କଳାକାରମାନେ ଜଙ୍ଗଲ ସୁରକ୍ଷା ବାର୍ତ୍ତା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଗତ ଦିନରେ ବନାଗ୍ନି ପ୍ରତିରୋଧ କର୍ମଶାଳା ଅବସରରେ ସଚେତନତା ରଥକୁ ତତ୍କାଳୀନ ଆରସିସିଏଫ ଡ. ଅରୁଣ କୁମାର ମିଶ୍ର ଓ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

■ ଶେରଗଡ଼ ପଞ୍ଚାୟତକୁ ଏନ୍ଏସି ମାନ୍ୟତା

# ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା



**ଶେରଗଡ଼,୨।୩(ସମିସ):** ଗତମାସ ୨୪ ତାରିଖରେ ଶେରଗଡ଼ ପଞ୍ଚାୟତକୁ ରାଜ୍ୟ ସରକାର ଏନ୍ଏସି ମାନ୍ୟତା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଶେରଗଡ଼ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ପାତ୍ରଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟକ ଶେରଗଡ଼ ସହରବାସୀ, ଜନପ୍ରତିନିଧି, ବୁଦ୍ଧିଜୀବୀମାନେ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ଶେରଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ମେଘନାଦ ଦାସ, ବରିଷ୍ଠ ବିଜେଡି ନେତା ହୀନ ବେହେରା, ପୂର୍ବତନ ସରପଞ୍ଚ ପ୍ରତିନିଧି ବାଲାଜୀ ପ୍ରଧାନ, ସମାଜସେବୀ ଦୁର୍ଗା ପ୍ରସାଦ ବିଷୋୟୀ, ଯୁବ ନେତା ବାସୁଦେବ ସ୍ୱାଇଁ, ବିଜେଡି ନେତା ସରୋଜ କୁମାର ପ୍ରଧାନ, ପୂର୍ବତନ ୱାର୍ଡ ସଭ୍ୟ ରାଜକିଶୋର ପଣ୍ଡା, ବାଳକୃଷ୍ଣ ଡାକୁଆ, ନାଏବ ସରପଞ୍ଚ ପ୍ରତିନିଧି ସତ୍ୟ ନାରାୟଣ ସାହୁ, ଚିନ୍ମୟ କୁମାର ପାତ୍ର, ଜଗନ୍ନାଥ ରାଉତଙ୍କ ସହ ବହୁ ବୁଦ୍ଧିଜୀବୀ ଏବଂ ସହରବାସୀ ଉପସ୍ଥିତ ଥିଲେ।

ଆମ ବ୍ୟାଙ୍କ ଯୋଜନାରେ ଯୁବକଙ୍କ ନିଯୁକ୍ତିକୁ ନେଇ ଅସନ୍ତୋଷ

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଦିଗପହଣ୍ଡି,୨।୩(ସମିସ):** ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତରେ ଆରମ୍ଭ ହୋଇଥିବା ଆମ ବ୍ୟାଙ୍କ ସେବା ଯୋଜନାରେ ଜି. ହରି ରେଡ୍ଡୀ ନାମକ ଯୁବକଙ୍କୁ ନିଯୁକ୍ତି ଦିଆଯିବା ପରେ ଅସନ୍ତୋଷ ଦେଖାଦେଇଛି। ଶନିବାର ସ୍ଥାନୀୟ ସରପଞ୍ଚ ଏମ୍. ଶ୍ୟାମଘନଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ସାକ୍ଷାତ କରି ଜି.ହରି ରେଡ୍ଡୀଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏପରିକି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ସହ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ହିତାଧିକାରୀଙ୍କୁ ଘରେ ଘରେ ବ୍ୟାଙ୍କ ସେବା ଯୋଗାଇବା ସକାଶେ ପ୍ରତ୍ୟେକ ପଞ୍ଚାୟତରେ ଏହି ଯୋଜନାର ଶୁଭାରମ୍ଭ କରିଥିବାବେଳେ ୟୁନିୟନ ବ୍ୟାଙ୍କର ଉଦ୍ୟମରେ ଆମ ବ୍ୟାଙ୍କ ସିଏସପି ପ୍ଲସ୍ ଶାଖା ଲୋକାର୍ପିତ ହୋଇଥିଲା। ଆମ ବ୍ୟାଙ୍କ ଶାଖାରେ ନିଯୁକ୍ତି ପାଇଥିବା ଜି. ହରି ରେଡ୍ଡୀଙ୍କ ନାମରେ ପୂର୍ବରୁ ଏସବିଆଇ ଗ୍ରାହକ ସେବା କେନ୍ଦ୍ର, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଭଳି ବ୍ୟାଙ୍କିଙ୍ଗ ସଂସ୍ଥା ଖୋଲି ଗରିବ ଲୋକଙ୍କୁ ଟଙ୍କା ଠକିବା ଓ ଅର୍ଥ ହେରଫେର କରିବା, ବିଭିନ୍ନ ପ୍ରମାଣପତ୍ର ପ୍ରସ୍ତୁତ କରିବା ସମୟରେ ଜାଲିଆତି କରିବା, ଶ୍ରମିକ କାର୍ଡ କରାଇ ଦେବାକୁ କହି ଲୋକଙ୍କଠାରୁ ହଜାର ହଜାର ଟଙ୍କା ଆଦାୟ କରିଥିବା ନେଇ ପୂର୍ବରୁ ପଞ୍ଚାୟତବାସୀ ଥାନାରେ ଅଭିଯୋଗ କରିଥିଲେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଭଳି ବ୍ୟକ୍ତିଙ୍କୁ ଆମ ବ୍ୟାଙ୍କ ସେବା ଦାୟିତ୍ୱରୁ ହଟାଯାଇ ଅନ୍ୟ କାହାକୁ ଏହି ଦାୟିତ୍ୱ ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଘଟଣାର ତଦନ୍ତ କରାଯିବା ସହ ଜିଲ୍ଲା ପ୍ରଶାସନ ନିକଟରେ ତଦନ୍ତ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି ବିଡିଓ କହିଛନ୍ତି।



## ବିଦ୍ୟୁତ୍ ଆଘାତରେ ୩ ଗୋରୁ ମୃତ

**ସାନଖେମୁଣ୍ଡି, ୨।୩(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ସାମନ୍ତରାପୁର ଗ୍ରାମ ନିକଟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୩ ଗାଈ ବଳଦଙ୍କ ମୃତ ଘଟିଛି। ସୂଚନା ମୁତାବକ ନୂଆଗାଁରୁ ସାମନ୍ତରାପୁର ଗ୍ରାମ ପର୍ଯ୍ୟନ୍ତ ବିଦ୍ୟୁତ୍ ତାର ଗୁଡିକ ପାଖରେ ଥିବାରୁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଛନ୍ତି। ହେଲେ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନି। ଶନିବାର ସାମନ୍ତରାପୁର ଗ୍ରାମର କିଛି ଲୋକ ନିଜର ଗୋରୁ ଗାଈ ଗୁଡ଼ିକୁ ଚରାଇବା ପାଇଁ ନେଇଥିଲେ। କିନ୍ତୁ ୪ଟି ଗାଈ ଓ ବଳଦ ଛିଣ୍ଡି ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିବା ବେଳେ ୩ ଗାଈ ଓ ବଳଦର ମୃତ ହୋଇଥିବା ବେଳେ ଗୋଟାଏ ଗାଈ ଗୁରୁତର ଆହତ ହୋଇଥିଲେ। ଦୀନବନ୍ଧୁ ଗୌଡ଼, କାଳିଆ ଗୌଡ଼ ଓ ପ୍ରକାଶ ନାୟକଙ୍କ ଗାଈ ଗୋରୁ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ବିଭାଗକୁ ଖବର ଦେବା ପରେ ବିଦ୍ୟୁତ ସରବରାହ ବନ୍ଦ କରିଥିଲେ। ଖବର ପାଇ ଡେଙ୍ଗାଓସ୍ତା ପଶୁ ଚିକିତ୍ସାଳୟ ଅଧିକାରୀ ମୃତ ଗାଈ ଗୁଡିକ ବ୍ୟବଛେଦ କରିଥିଲେ। ତେବେ ଏହି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଟି.ଗୋବିନ୍ଦପୁର ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଓ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

**ରଙ୍ଗେଇଲୁଣ୍ଡା,୨।୩(ସମିସ):** ଶନିବାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ମନରେଗା ଯୋଜନା ବ୍ଲକସ୍ତରୀୟ ଜନଶୁଣାଣି ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବିଡିଓ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସିଏଚ ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମହାଙ୍କୁଡ଼, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲଣା ଯୋଗ ଦେଇଥିଲେ। ନୂତନ ପ୍ରକଳ୍ପ ପାଇଁ ଜମି ସମସ୍ୟା ରହିଛି। ଫଳରେ ପ୍ରକଳ୍ପ ହୋଇପାରୁନାହାନ୍ତି।୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକରେ ୧୧ ଲକ୍ଷ ୫୫ ହଜାର ୩୨୩ ଶ୍ରମ ଦିବସ ଦିଆଯାଇଥିବା ବେଳେ ୫ ଲକ୍ଷ ୬୯ ହଜାର ୭୭ ଶ୍ରମ ଦିବସ ପୂରଣ ହୋଇଛି। ୧୩ କୋଟି ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ ହୋଇଛି। ୧୫ ହଜାର ୩୦୪ ପରିବାର କର୍ମ ନିଯୁକ୍ତି ପାଇଥିଲେ। ସେଥିମଧ୍ୟରୁ ୬୯୧ ପରିବାର ୧୦୦ ଦିନ କାମ କରିଥିଲେ ଓ ୮୭୭ ପ୍ରକଳ୍ପ ସମ୍ପୂର୍ଣ ହୋଇଛି ବୋଲି କୁହାଯାଇଥିଲା। ନାରାୟଣପୁର ପଞ୍ଚାୟତରେ କେତେ ଚାଉଳ ବଣ୍ଟନ କରାଯାଉଛି ଓ କେତେ ଷ୍ଟକ ରହିଛି ତାହା ସରପଞ୍ଚ ଜାଣିପାରୁ ନାହାନ୍ତି ଓ ହିସାବ ଦିଆଯାଉ ନାହିଁ ବୋଲି ସରପଞ୍ଚ ପ୍ରତିନିଧି କହିଥିଲେ। ଜନଶୁଣାଣିରେ ବନ ବିଭାଗର ବ୍ୟତୀତ ଅନ୍ୟ କୌଣସି ବିଭାଗୀୟ ଅଧିକାରୀଙ୍କ ଦେଖା ମିଳିନଥିଲା। ଏହି ଅବସରରେ ଏପିଓ ଗୋପାଳ ପଣ୍ଡା, ସରପଞ୍ଚ ଦଣ୍ଡପାଣି ବେହେରା, ଅରୁଣ ନାୟକ, ରଞ୍ଜିତ ସାହୁ, ଅସନ୍ତୁଲୁ ରେଡି, ସସ୍ମିତା ବେହେରା, ଦୁର୍ଯ୍ୟୋଧନ ରେଡି, ବି ସୁଜ୍ଞାନୀ ପାତ୍ର, ସମିତି ସଭ୍ୟ ଶ୍ରୀରାମ ବେହେରା ଜନପ୍ରତିନିଧି, ପିଇଓ ଓ ଅନ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶୋଭାଯାତ୍ରା




**ଗଞ୍ଜାମ, ୨।୩(ସମିସ):** ଗଞ୍ଜାମ ସହର ମଧ୍ୟଖଣ୍ଡ ସାହିସ୍ଥିତ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଞ୍ଜାମ ଶାଖା ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ପରିକ୍ରମା ରଥ ଶୁଭାରମ୍ଭ ହୋଇଯାଇଛି। ରାଜଯୋଗିନୀ କସ୍ତୁରୀ ଭଗ୍ନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଥାନା ଅଧିକାରୀ ସସ୍ମିତା ପାତ୍ର ଯୋଗଦେଇ ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଆଧ୍ୟାତ୍ମିକ ଭାବନା ହିଁ ସମାଜରେ ଶାନ୍ତିର ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଉକ୍ତ ରଥ ଗଞ୍ଜାମ ସହରାଞ୍ଚଳ ସମେତ ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକ ପରିକ୍ରମା କରିଥିଲା। ଯମୁନା ଭଗ୍ନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପୂର୍ବତନ ସରପଞ୍ଚ ଡି.ନିରଞ୍ଜନ ରେଡି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଯୁଧିଷ୍ଠିର ମହାପାତ୍ର, ଛବି, ଦମୟନ୍ତୀ, ବନିତା, ପୁଷ୍ପଲତା, ଲକ୍ଷ୍ମୀ, ଆରତୀ, ମୋହନ, ନରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**କବିସୂର୍ଯ୍ୟନଗର, ୨।୩(ସମିସ):** କବିସୂର୍ଯ୍ୟନଗର ବ୍ଲକ ଗୁଡ଼ିଆଳି ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ସ୍ୱାଇଁ, ସମ୍ମାନିତ ଅତିଥି ବିଡିଓ ସାଗରୀକା ଷଡ଼ଙ୍ଗୀ, ଏବିଡିଓ ତଥା ଏନଏସି ଇଓ ନାରାୟଣ ବେହେରା, ସିଡିପିଓ ବୀଣାପାଣି ମିଶ୍ର, ଯୁବ ନେତା ଅଶ୍ୱିନୀ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷକ ଦିବାକର ଶତପଥୀ ଓ ଘୋଷିକା ଶିବାନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜସେବୀ ପ୍ରଦୀପ ସ୍ୱାଇଁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି ସୁପରଭାଇଜର ତ୍ରିପୁରା ମୋହିନୀ ମିଶ୍ର, ବିପିଏମ ରାଜକିଶୋର ସାହୁ, ଗୁଡ଼ିଆଳି ସରପଞ୍ଚ ଯାଜ୍ଞସେନି ଭୂୟାଁ, ବାଲ୍ୟସରା ସମିତି ସଭ୍ୟା ମମତା ଖଣ୍ଡୁଆଳ, ସୁନାରିଝୋଳ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ ଓ ସରପଞ୍ଚ ରାଧାକୃଷ୍ଣ ରେଡି, ଆମ୍ବୁପୁଆ ସରପଞ୍ଚ ଅମୀୟ କୁମାର ମାହନ୍ତ, ଗଙ୍ଗାପୁର ସମିତିସଭ୍ୟା ପ୍ରତିନିଧି ହରିହର ନାହାକ, ବ୍ଲକ ଛାତ୍ର ବିଜେଡି ସଭାପତି ନୀଳାଞ୍ଚଳ ମଣ୍ଡଳ, ଗୁଡ଼ିଆଳି ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୂୟାଁ, ଗୁଡ଼ିଆଳି ସମିତି ସଭ୍ୟା ପ୍ରତିନିଧି ଗୌରାଙ୍ଗ ଭୂୟାଁ, ସିଆଳିଆ ସମିତିସଭ୍ୟ କଣ୍ଡୁପାଣି ନାହାକ, ପ୍ରାକ୍ତନ ଆମ୍ବୁପୁଆ ସରପଞ୍ଚ ହିମାଂଶୁ ଶେଖର ରାଉତ, ଏବିଇଓ ରବି ନାରାୟଣ ବେହେରା, ଗୁଡ଼ିଆଳି ପିଓ ରବୀନ୍ଦ୍ର ବିଷୋୟୀ, ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ଲୋକନାଥ ମଣ୍ଡଳ ପ୍ରମୁଖ ବହୁ ଜନପ୍ରତିନିଧି, ପ୍ରଶାସନ ଅଧିକାରୀ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

# ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ପାତ୍ରପୁର, ୨।୩(ସମିସ):** ପାତ୍ରପୁର ତହସିଲଦାର ଭାବେ ଅଶୋକ କୁମାର ପଟ୍ଟନାୟକ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ତହସିଲରେ କାର୍ଯ୍ୟରତ ଥିଲେ। ଗତ ଜାନୁୟାରୀ ମାସରେ ପାତ୍ରପୁର ତହସିଲଦାର ପ୍ରଶାନ୍ତ କୁମାର ସେଠୀଙ୍କ ବଦଳି ପରେ ଦୀର୍ଘଦିନ ଧରି ପାତ୍ରପୁର ତହସିଲଦାର ପଦବୀ ଖାଲି ରହିବା ସହ ଚିକିଟି ତହସିଲଦାର ଦାୟିତ୍ୱରେ ରହିଆସିଥିଲେ। ଦାୟିତ୍ୱ ଗ୍ରହଣ ବେଳେ ତହସିଲ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ତହସିଲଦାରଙ୍କୁ ସ୍ୱାଗତ କରିଥିଲେ। ପାତ୍ରପୁର ତହସିଲ ଅଞ୍ଚଳରେ ରହିଥିବା ରାଜସ୍ୱ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ତହସିଲଦାର ଶ୍ରୀ ପଟ୍ଟନାୟକ କହିଛନ୍ତି।



# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଆସିକା, ୨।୩(ସମିସ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ ମୁଖ୍ୟବକ୍ତା, ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ତଥା ବିଭାଗ ମୁଖ୍ୟା ଡ. ସ୍ମିତାରାଣୀ ପଣ୍ଡା ମଞ୍ଚାସୀନ ଥିଲେ। ସଂଯୋଜିକା ମିନତି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ମାଷ୍ଟର ଟ୍ରେନର ଶିବାନୀ ମହାରଣା ଏବଂ ଲିଜାରାଣୀ ପାତ୍ରଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ ପରିବେଷଣ କରାଯାଇଥିଲା। ଆତ୍ମସୁରକ୍ଷା କ୍ଲବର ଅଧ୍ୟାପିକା ଶୈଳ କୁମାରୀ ଝା, ରେଶମା ପାତ୍ର, ଡ. ଜିନିତ ସବା ଓ କୁନିକା ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଗଛରେ ପିଟିହୋଇ ଚାଳକ ମୃତ

**ସୋରଡ଼ା,୨।୩(ସମିସ):** ସୋରଡ଼ା ଥାନା ଅନ୍ତର୍ଗତ ପୁଡୁଗେଶ୍ୱର ବୁଲାଣି ଠାରେ ଶନିବାର ବାଇକ୍ ଦୁର୍ଘଟଣା ଘଟିଛି। ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ସୋରିଷବିଲ୍ଲୀ ଗ୍ରାମର ପପୁନ ପଲେଇ। ସୂଚନା ମୁତାବକ, ପପୁନ ନିଜର ବାଇକ୍ ଯୋଗେ ନିଜ ଗ୍ରାମରୁ ଯିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲେ। ଗତ କିଛି ଦିନ ହେବ ସେ ସୁରତରୁ ଆସିଥିବାବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା କିଛି ଯାତ୍ରୀ ଦେଖି ସୋରଡ଼ା ପୁଲିସକୁ ଖବର ଦେବା ଯୋଗୁଁ ଅଗ୍ନିଶମ ବାହିନୀ ପହଞ୍ଚି ଘଟଣାସ୍ଥଳରେ ପପୁନଙ୍କୁ ଉଦ୍ଧାର କରି ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇବା ସହ ଘଟଣାର ତଦନ୍ତ କରୁଛି।

ମାର୍ଚ୍ଚ ୩୧ରେ ସରିବ ଖରିଫ ଧାନ କ୍ରୟ

# ଉପଖଣ୍ଡର ଜଗନ୍ନାଥପ୍ରସାଦରେ ସର୍ବାଧିକ ସଂଗ୍ରହ

**ଭଞ୍ଜନଗର,୨।୩(ସମିସ):** ଭଞ୍ଜନଗର ଉପଖଣ୍ଡରେ ପଞ୍ଜିକୃତ ଚାଷୀଙ୍କଠାରୁ ଖରିଫ ଧାନ କିଣା ଚାଲିଛି ଓ ଧାନ କ୍ରୟର ଶେଷ ତାରିଖ ଆସନ୍ତା ମାର୍ଚ୍ଚ ୩୧ ତାରିଖ ରହିଛି। ଫେବୃଆରୀ ମାସ ଶେଷ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ମୋଟ ୯୦ ଭାଗ ଧାନ କ୍ରୟ ଶେଷ ହେଲାଣି। ଭଞ୍ଜନଗର ଉପଖଣ୍ଡରେ ୧୧୯ଟି ସେବା ସମବାୟ ସମିତି ଓ ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମୋଟ ୧୫୭ଟି ସ୍ଥାନରେ ଧାନ କିଣା ଜାରି ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧାନ ବିକ୍ରି ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଧାନ କିଣିବା ଏବଂ ଚାଷୀମାନେ କିଭଳି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ଏଦିଗରେ ଗୁରୁତ୍ୱ ଦିଆଯାଇଛି। ଭଞ୍ଜନଗର ଉପଖଣ୍ଡରେ ଗତବର୍ଷ ୧୬, ୮୯, ୦୦୧୨୫ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଏଥର ଧାନ ବିକିବା ପାଇଁ ୪୭, ୩୧୩ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ଗତବର୍ଷ ମିଲରଙ୍କ ସଂଖ୍ୟା ୧୩୦ଥିବା ବେଳେ ଚଳିତବର୍ଷ ୧୩୪ ଜଣ ମିଲର ଧାନ କିଣିବା ଆରମ୍ଭ କରିଛନ୍ତି।

୨୦୨୨-୨୩ ଆର୍ଥିକ ବର୍ଷରେ ସାଧାରଣ ଧାନ ନିମନ୍ତେ କ୍ୱିଣ୍ଟାଲ ପିଛା ୨୦୪୦ଟଙ୍କା ଦର ଧାର୍ଯ୍ୟ ଥିଲା। ହେଲେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ସାଧାରଣ ଧାନ ନିମନ୍ତେ ୨୧୮୩ଟଙ୍କା ଧାର୍ଯ୍ୟ କରାଯାଇଛି।

ସେହିଭଳି ଗ୍ରେଡ-ଏ ଧାନର ମୂଲ୍ୟ ଗତ ବର୍ଷ ୨୦୬୦ ରହିଥିବାବେଳେ ଚଳିତ ବର୍ଷ ଏହା ୨୨୦୩ ଟଙ୍କାକୁ ବୃଦ୍ଧି ପାଇଛି। ଗତବର୍ଷ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ୫୧୯୬୫ ଥିଲା ବେଳେ ଏଥର ତାହା ୧୪୬୦୬୭ ରହିଛି। ଗତମାସ ୨୮ ତାରିଖ ସୁଦ୍ଧା ଆସିକା ବ୍ଲକରେ ଶତକଡ଼ା ୯୨.୪୪ ହାରରେ ୨୭୪୫୦୨.୭୬ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବାବେଳେ ବେଲଗୁଣ୍ଠାରେ ୮୭.୪୭% ୧୧୯୨୩୪.୯୦ କ୍ୱିଣ୍ଟାଲ ଧାନ, ଭଞ୍ଜନଗରରେ ୮୮.୪୫% ୧୫୦୨୧୧.୯୨ କ୍ୱିଣ୍ଟାଲ ଧାନ, ବୁଗୁଡ଼ାରେ ୯୫୬୯% ୧୫୬୫୬୨.୦୮ କ୍ୱିଣ୍ଟାଲ, ଧରାକୋଟରେ ୮୭.୩୪% ୧୭୫୯୫୭.୩୭ କ୍ୱିଣ୍ଟାଲ, ଜଗନ୍ନାଥପ୍ରସାଦରେ ୯୫.୦୭% ୧୫୨୧୪୨.୨୫ କ୍ୱିଣ୍ଟାଲ, ଶେରଗଡ଼ରେ ୯୩.୦୪%, ୨୦୧୦୫୬.୯୩ କ୍ୱିଣ୍ଟାଲ ଧାନ, ସୋରଡ଼ାରେ ୯୩.୪୮% ୨୩୨୧୮୭.୦୮ କ୍ୱିଣ୍ଟାଲ ଧାନ କ୍ରୟ ସରିଛି। କିଛି ସମବାୟ ସମିତିର ଟାର୍ଗେଟ ଶେଷ ହୋଇଥିବାବେଳେ କେତେକ ସ୍ଥାନରେ ଆବଶ୍ୟକତାଠାରୁ କିଛି ପରିମାଣରେ ହ୍ରାସ ପାଇଛି। ଭଞ୍ଜନଗର ଉପଖଣ୍ଡରେ ଜଗନ୍ନାଥ ପ୍ରସାଦ ବ୍ଲକରେ ସର୍ବାଧିକ ଧାନ କ୍ରୟ ହୋଇଛି।

## ମହାଶିବରାତ୍ରି ପାଇଁ ସଜେଇ ହେଉଛି ଶୈବପୀଠ

**ବୁଗୁଡ଼ା,୨।୩(ସମିସ):** ମହାଶିବରାତ୍ରି ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଥିବାର ଦେଖିବାକୁ ମିଳିଛି। ଚଳିତ ବର୍ଷ ମାର୍ଚ୍ଚ ୮ ତାରିଖରେ ହେବାକୁ ଯାଉଥିବା ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟି ଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀମାନ ମଧ୍ୟ ପ୍ରକାଶ ପାଇଛି। ଫଳରେ କେତେକ ଶୈବ ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବାର ଜଣାଯାଇଥିବା ବେଳେ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଚଳିତବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି। ଏଥି ସହ ମନ୍ଦିରଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗ କାର୍ଯ୍ୟ ମଧ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ସ୍କୁଲ ପାର୍ଶ୍ୱରେ ଆବର୍ଜନାକୁ ନେଇ ଲୋକଙ୍କ ଅସନ୍ତୋଷ



**ବେଲଗୁଣ୍ଠା,୨।୩(ସମିସ):** ବେଲଗୁଣ୍ଠା ବ୍ଲକ ଗୋବରା ପଞ୍ଚାୟତ ଗତ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ପଞ୍ଚାୟତ ମାନ୍ୟତା ହାସଲ କରିଛି ଏବଂ ବେଲଗୁଣ୍ଠା ବ୍ଲକ ଶିକ୍ଷ୍ୟା କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ନେଇଛି। ତେବେ ବେଲଗୁଣ୍ଠା ଅଞ୍ଚଳର କିଛି ବିଦ୍ୟାଳୟ ପାର୍ଶ୍ୱ ଡିମ୍ପିଂୟାର୍ଡର ଭ୍ରମ ସୃଷ୍ଟି କରିବା ସହ କୁଢ଼ କୁଢ଼ ଅଳିଆ, ଆବର୍ଜନା ପଡ଼ିଥିବାର ଦେଖିବାକୁ ମିଳିଛି। ଏମିତିକି ସେହି ଅଳିଆ ଆବର୍ଜନା ପାଇଁ ବେଳେବେଳେ ଶିକ୍ଷା ପ୍ରକ୍ରିୟା ବାଧା ଉପୁଜିଛି ଏବଂ ସ୍କୁଲ ମଧ୍ୟ ବାତିଲ ହୋଇଛି। ଗୋବରା ଠାରୁ ମୁଖ୍ୟରାସ୍ତା ଠାରୁ ବରପଲ୍ଲୀ ରାସ୍ତାକୁ ସଂଯୋଗ କରୁଥିବା ସେହି ରାସ୍ତା ପାର୍ଶ୍ୱରେ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ରାସ୍ତାରେ ଦୁଇଟି ଜାଗାରେ ଆବର୍ଜନାର ସ୍ଥଳ ଭାବେ କୁଢ଼ କୁଢ଼ ମଇଳା ଗଦା କରିଛନ୍ତି। ସ୍ଥାନୀୟ ଲୋକଙ୍କ ଏହା ଅଭ୍ୟାସରେ ପରିଣତ ହୋଇଛି। ଯାହା ଗୋବରାର ସୌନ୍ଦର୍ଯ୍ୟମୟ ଗରୀମାକୁ କ୍ଷୁଣ୍ଣ କରୁଛି। ତତ୍ ସହିତ ବିଦ୍ୟାଳୟକୁ ଆସୁଥିବା ବିଦ୍ୟାର୍ଥୀ ମାନଙ୍କର ଶରୀର ଅସୁସ୍ଥର ଆଉ ଏକ କାରଣ ମଧ୍ୟ ହୋଇଛି। ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧି ଏହା ଉପରେ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହୋଇଛି।

# ଜମିବାଡ଼ି ବିବାଦରୁ ହଣାକଟା; ୨ ଗୁରୁତର

ରାଜନଗର, ୨।୩ (ସମିସ):

ଜମିବାଡି ବିବାଦକୁ ନେଇ ଶନିବାର ଦୁଇ ପକ୍ଷ ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ବିବାଦୀୟ ଜମିରେ ମାଟି ପକାକୁ ବିରୋଧ କରିବାରୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ପନିକି, ଟାଙ୍ଗିଆ ଓ କଟୁରୀରେ ଆକ୍ରମଣ ଯୋଗୁ ଜଣଙ୍କର ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ବେଳେ ଅନ୍ୟଜଣଙ୍କର ହାତ ଓ ଗୋଡରେ ଟାଙ୍ଗିଆ ଚୋଟ ବାଜିଛି। ଗୁରୁତର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅପରପକ୍ଷ ରାଜନଗର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ପକ୍ଷର ଏତଲା ରଖି ତଦନ୍ତ ଚଳାଇଛି।





ତୁଳସୀ ସେଠୀଙ୍କ ଅଭିଯୋଗ ମୁତାବକ ତାଙ୍କ ଶ୍ୱଶୁର ଉପେନ୍ଦ୍ର ସେଠୀଙ୍କ ନାଁରେ ରାଜନଗର ମୌଜାରେ ୨୪ ଡେସିମିଲ ଜମି ଥିଲା। ଏହି ଗାଁର ଅନ ସେଠୀ ଓ ରଞ୍ଜନ ସେଠୀ ତାଙ୍କ ଅଂଶଥିବା ଗୋଟିଏ ଡେସିମିଲ ଜମି ସହିତ ଆମ ଶ୍ୱଶୁରଙ୍କ ନାମରେ ଥିବା ୨୪ ଡେସିମିଲ ଜମିକୁ ଚଞ୍ଚକତା କରି ତାଙ୍କ ନାଁରେ କରାଇନେବା ସହ ଅନ୍ୟଜଣଙ୍କୁ ବିକ୍ରି କରିଦେଇଛନ୍ତି। ଆଜି ସକାଳ ୯ଟା ବେଳେ ସେହି ଜାଗାରେ ଟ୍ରାକ୍ଟର, ଜେସିବି ସାହାଯ୍ୟରେ ମାଟି ପଡୁଥିବାବେଳେ ମୋ ସ୍ୱାମୀ ତ୍ରିଲୋଚନ ସେଠୀ ଓ ଦେଢଶୁର ନିରଞ୍ଜନ ସେଠୀ ମାଟି ପକାଇବାକୁ ବିରୋଧ କରିଥିଲେ। ଏହାକୁ ନେଇ ସତ୍ୟପ୍ରକାଶ ସେଠୀ, ଦୀପକ ସେଠୀ, ପ୍ରତାପ ସେଠୀ, ମନୋଜ ସେଠୀ, ବୁଲୁଆ ସେଠୀ ଓ ମହିଁଷାସୁର ଗାଁର ରବୀନ୍ଦ୍ର ସେଠୀ ପନିକି, ଟାଙ୍ଗିଆ ଓ କଟୁରୀ ଧରି ଜୀବନରୁ ମାରି ଦେବାକୁ ମୋ ସ୍ୱାମୀ ଓ ଶ୍ୱଶୁରଙ୍କୁ ଆକ୍ରମଣ କରିଥିଲେ। ନିର୍ମମଭାବେ ହାଣିବା ପରେ ରଡ ଓ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ସ୍ୱାମୀ ଓ ଦେଢଶୂର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜନଗର ମେଡିକାଲକୁ ଆଣିଥିଲେ। ମୋ ସ୍ୱାମୀଙ୍କ ଅବସ୍ଥା ଗୁରୁତର ରହିଛି। ଅଭିଯୁକ୍ତମାନେ ପରିବାରକୁ ଜୀବନରୁ ଶେଷ କରିଦେବା ପାଇଁ ଓ ଘର ଜାଳିଦେବା ପାଇଁ ଧମକ ଦେଇଥିବା ତୁଳସୀ ରାଜନଗର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ଅପରପକ୍ଷର ମାଧୁରୀ ସେଠୀ ମଧ୍ୟ ରାଜନଗର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେ ତାଙ୍କ ଜାଗାକୁ ଅନ୍ୟଜଣଙ୍କୁ ବିକ୍ରି କରିଛନ୍ତି। କିନ୍ତୁ ଆଜି ତ୍ରିଲୋଚନ ସେଠୀ ଓ ନିରଞ୍ଜନ ସେଠୀ ସେ ଜାଗାରେ ଗଣ୍ଡଗୋଳ କରିବା ସହ ଠେଙ୍ଗାବାଡି ଧରି ମୋତେ ଓ ମୋ ପୁଅକୁ ବାଡେଇଥିବା ଓ ସେମାନଙ୍କର ୩ଜଣ ଆହତ ହୋଇଥିବା ନେଇ ଅଭିଯୋଗ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ପାଳିତ

ଜଗତସିଂହପୁର, ୨।୩ (ସମିସ): ସ୍ଥାନୀୟ ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାରଠାରେ ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଭାବେ ଶିକ୍ଷାବିତ୍ ଗଙ୍ଗାଧର ଦାଶ ଯୋଗଦେଇ ପ୍ରତିବର୍ଷ ମାର୍ଚ୍ଚ ୧କୁ ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ଭାବେ ପାଳନ କରାଯାଉଛି ବୋଲି କହିବା ସହ ନାଗରିକମାନଙ୍କ ଧନ ଜୀବନର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଚଳିତ ବର୍ଷର ବିଷୟବସ୍ତୁ ବୀରମାନଙ୍କୁ ସମ୍ମାନ ଓ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପ୍ରସ୍ତୁତି ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଘନଶ୍ୟାମ କାନୁନଗୋ, ବଂଶୀଧର ଆଚାର୍ଯ୍ୟ, ରାମଚନ୍ଦ୍ର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ରମେଶ ଚନ୍ଦ୍ର ସାହୁ, ରମାକାନ୍ତ ସାମନ୍ତସିଂହାର, ସତ୍ୟବାଦୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

## ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

ଗରଦପୁର, ୨।୩ (ସମିସ): ବେଡାରି ପଞ୍ଚାୟତ ଦଲୁଆଣି ଗ୍ରାମରେ ମା' ବୁଢୀଗମରାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଏହି ଅବସରରେ ପବିତ୍ର ଚିତ୍ରୋପ୍ତଳା ନଦୀର ଶନିମନ୍ଦିର ଘାଟରୁ ମହାଯଜ୍ଞ ଓ ଘଟ ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲା। ସେଠାରେ ଜଳାଧିବାସ, ସୂର୍ଯ୍ୟପୂଜା, ଗୋପୂଜା ଏବଂ ଦେବତାଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହି ଆଧାମ୍ରିକ ବିଶ୍ୱଶାନ୍ତି ମହାଯଜ୍ଞରେ ସନ୍ଥମାନେ ଭାଗବତ ନାମ ଚର୍ଚ୍ଚା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିବାବେଳେ ଶନିବାରଠାରୁ ଅଷ୍ଟପ୍ରହର ନାମଯଜ୍ଞ ହୋଇଛି। କାର୍ଯ୍ୟକ୍ରମରେ ମା' ବୁଢୀଗମରାଇ ମନ୍ଦିର ପରିଚାଳନା ପରିଷଦର କର୍ମକର୍ତ୍ତା ଏବଂ ଦାଲୁଆଣି ଗ୍ରାମବାସୀ ସହଯୋଗ କରିଥିଲେ।

## ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଲାଞ୍ଚ କାରବାରର ଭିଡିଓ ଭାଇରାଲ

ଗରଦପୁର, ୨।୩ (ସମିସ): ଗରଦପୁର ବ୍ଲକ, ତହସିଲ ଆଉ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିନା ଟଙ୍କାରେ ସାଧାରଣ ଲୋକଙ୍କ କାମ ହେଉନି। ପ୍ରତ୍ୟେକ ମୁହୂର୍ତ୍ତରେ ଲୋକଙ୍କୁ ଶୋଷଣ କରାଯାଉଛି। ଆଜି ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଏକ ଜମିଜମା ସମସ୍ୟାକୁ ନେଇ କର୍ମଚାରୀ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଛି। ଏବେ ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ଏହିଭଳି କେତେଜଣ କର୍ମଚାରୀଙ୍କ ପାଇଁ ସରକାରୀ ଜନ ମଙ୍ଗଳକାରୀ ଯୋଜନା ଆଜି ବଦନାମ ହେଉଛି। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଉପରିସ୍ଥ ଅଧିକାରୀମାନେ ଘଣ୍ଟ ଘୋଡାଇ ଘଟଣାକୁ ଭିନ୍ନ ପ୍ରସଙ୍ଗ କରିବାକୁ ଯୋଜନା କରୁଥିବା ନେଇ ଆଲୋଚନା ହେଉଛି।

### ଶିବାନନ୍ଦ ବିଦ୍ୟାମନ୍ଦିରରେ ୨୪ତମ ବାର୍ଷିକ ଉତ୍ସବ

## କୋଭିଡ୍ ସମୟରେ ମୋବାଇଲ ବ୍ୟବହାର ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଇଛି

ରାଜନଗର, ୨।୩ (ସମିସ): କଲ୍ ଠାରୁ ଟଙ୍କା ନେଣଦେଣ ଯାଏଁ ମୋବାଇଲର ଆବଶ୍ୟକତା ରହିଛି। କିନ୍ତୁ ପିଲାମାନଙ୍କ କ୍ଷେତ୍ରରେ ମୋବାଇଲ ବ୍ୟବହାର ଉପଯୋଗୀ ନୁହେଁ। କୋଭିଡ ସମୟରେ ପିଲାମାନେ ମୋବାଇଲ ବ୍ୟବହାର କରିବାରୁ ତାଙ୍କ ଉପରେ ଖରାପ ପ୍ରଭାବ ପଡ଼ିଛି। ରାମାୟଣର କଥାବସ୍ତୁକୁ ନେଇ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରେଇ ରହିବା ନେଇ ପରାମର୍ଶ ଦେଇଛନ୍ତି ବିଶିଷ୍ଟ ସାହିତ୍ୟିକ, ପ୍ରାବନ୍ଧିକ ତଥା ସ୍ତମ୍ଭକାର ଦାଶ ବେନହୁର। ରାଜନଗର ବ୍ଲକର ସାନବଡଗୋପାଳପୁରଠାରେ ଥିବା ଶିବାନନ୍ଦ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବରେ ଶ୍ରୀଯୁକ୍ତ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିବା ସହ ପିତାମାତା ଶିଶୁ ମାନଙ୍କୁ ଗଢି ତୋଳିବାରେ ଶୃଙ୍ଖଳାଗତ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିଲ୍ଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୂବନେଶ୍ୱର ଖଣ୍ଡଗିରିସ୍ଥିତ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶ୍ରୀ ନିବାସାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ରାଜନଗର ଥାନାର ଆଇଆଇସି ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ କଥାକାର ଡଃ. ଶ୍ରୀକାନ୍ତ ନାରାୟଣ ଦାସ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଶିବାନନ୍ଦଙ୍କ ନୀତି ଆଦର୍ଶରେ ଚାଲୁଥିବା ବିଦ୍ୟାଳୟରେ ନୀତିଗତ ଓ ସଂସ୍କାରଗତ ଶିକ୍ଷା ପିଲାମାନଙ୍କ ପାଇଁ ଉପଯୋଗୀ ହୋଇପାରିଛି ବୋଲି କହିଥିଲେ। ଗୁରୁଜୀ ଅସୀମ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ।

## ବିଦ୍ୟାଳୟରେ ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ



ଡେରାବିଶ, ୨।୩ (ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଭିଳାଷୀ ରାଉତ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସିଆରସିସି ସନ୍ତୋଷ ମଲିକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉର୍ମିଳା ରାଉତ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲିପ କୁମାର ଦାଶ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ଶିବ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ନବଯୁଗ ଇନ୍‌ଫୋଟେକ୍ ଠକେଇ ବିବାଦ

## ଅଧାରେ ଅଟକିଲା ତଦନ୍ତ; ବଡ଼ ଅଧିକାରୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚାଲ

କେନ୍ଦ୍ରାପଡ଼ା, ୨।୩ (ସମିସ): ନବଯୁଗ ଇନଫୋଟେକ କମ୍ପାନୀ ଡିଜିଟାଲ ଡୋର ନମ୍ବରିଂ ଠକେଇ ବିବାଦକୁ ୬ ମାସ ବିତିବାକୁ ବସିଲାଣି। ହେଲେ ବଡ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ କରୁନି ପୁଲିସ। ପଚାରିଲେ ତଦନ୍ତ ଚାଲିଛି ବୋଲି କହି ଘଟଣାକୁ ଚାପି ଦେବାକୁ ବସିଛନ୍ତି। ଏମିତିକି ଘଟଣାରେ ସାମିଲ ଥିବା ଇ-ଗଭର୍ଣ୍ଣାସ ମ୍ୟାନେଜର ଆଉ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପଚରାଉଚରା କରି ପୁଲିସ ଛାଡ଼ିଦେଲା। ଏହି ଠକେଇ ବିବାଦରେ କେବଳ କମ୍ପାନୀର ଦୁଇଜଣଙ୍କ ସାମିଲ ରହିଥିଲେ କି? ତେବେ ଯେଉଁ ପ୍ରଶାସନ ଅନୁମତି କ୍ରମେ ଜିଲ୍ଲାରେ ନବଯୁଗ କାର୍ଯ୍ୟ କରିଥିଲା ସେହି ଅଧିକାରୀଙ୍କ ବିରୋଧରେ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନି ସେନେଇ ପ୍ରଶ୍ନ ଉଠିଛି। ତେବେ ପୁଲିସ କଣ କେବଳ ଗରିବ ମଲିମୁଣ୍ଡିଆକୁ ବାନ୍ଧି ବାହା ବା ନେବାକୁ ବସିଛି। ଯଦି ନୁହେଁ କାହିଁକି ସାମିଲ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ବଡ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବାକୁ ପ୍ରଶାସନିକ ସ୍ତରରେ ଏକ ବଡ ଚାଲ କରାଯାଇଛି ବୋଲି ଆଲୋଚନା ହେଉଛି। କମ୍ପାନୀ ଜିଲ୍ଲାବାସୀଙ୍କୁ ଯେତିକି ପ୍ରତାରଣା କରିଛି ତାଠାରୁ ଅଧିକ ଜିଲ୍ଲା ପ୍ରଶାସନ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛି। ଗତ ଅଗଷ୍ଟ ୫ ତାରିଖରୁ ନବଯୁଗ ସଂସ୍ଥାକୁ ପୂର୍ବତନ ଜିଲ୍ଲାପାଳ ଅମ୍ରିତି ରତୁରାଜ ଫ୍ରଡ ଘୋଷଣା କରିଥିଲେ। ଦୈନିକ 'ସକାଳ' ପକ୍ଷରୁ ବାରମ୍ବାର ଖବର ପ୍ରକାଶ ପରେ ଜାଲ୍ ଘୋଷଣା ହୋଇଥିବା ସଂସ୍ଥାର ଦୁଇଜଣ କର୍ମଚାରୀଙ୍କୁ ଗିରଫ କରି ପୁଲିସ ହାତବାନ୍ଧି ବସିପଡ଼ିଲା। ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ଯଦି କମ୍ପାନୀ କାର୍ଯ୍ୟକରି ତାର ଦୁଇଜଣ କର୍ମଚାରୀ ଗିରଫ ହେଲେ ତେବେ ଅନୁମତି ଦେଇଥିବା ଆଉ କମ୍ପାନୀଙ୍କୁ ଜିଲ୍ଲାରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିବା ଅଧିକାରୀମାନେ କାହିଁକି ତଦନ୍ତ ପରିସରରୁ ବାଦ ପଡ଼ିବେ ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଜିଲ୍ଲାରେ ଯଦି ଏହିଭଳି ଯାଞ୍ଚ ପ୍ରକ୍ରିୟା କରାଯାଇ ଜାଲ ନବଯୁଗକୁ ଲୁଟିବାକୁ ୮ ମାସ ସମୟ ଦିଆଗଲା ତେବେ କିଭଳି କମ୍ପାନୀ କାଗଜପତ୍ର ଯାଞ୍ଚ ହୋଇଥିବ ସେନେଇ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍



ମାର୍ଶାଘାଇ, ୨।୩ (ସମିସ): ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୁକ୍ରବାର ମଧ୍ୟାହ୍ନରେ ରାଜ୍ୟ କାୟାକଳ୍ପ ଆସେସ୍‌ମେଣ୍ଟ ଟିମ୍ ପରିଦର୍ଶନ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ପ୍ରଶାନ୍ତ କୁମାର ହୋତା, କନ୍ସଲ୍‌ଟାଟ୍ କ୍ଲିନିକାଲ ନର୍ସି ବିଭାଗ ବାଲଚନ୍ଦ୍ରନ୍ ବିଏଲ, ଡାକ୍ତର ଅନୀଲ ପଟ୍ଟନାୟକ, ଏଡିପିଏଚ୍‌ଓ ପରିବାର କଲ୍ୟାଣ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଏଡିପିଏଚ୍‌ଓ କୁଷ୍ଠ ବିଭାଗ ଡାକ୍ତର ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଉଚ୍ଚ ସ୍ତରୀୟ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅସ୍ତ୍ରୋପଚାର ଗୃହ, ପରୀକ୍ଷାଗାର, ପ୍ରସୂତୀ ବିଭାଗ (ଲେବରରୁମ୍) ବୈରୀ ବିଭାଗ ଓ ଅନ୍ତଃବିଭାଗ, ନିରାମୟ, ଟୀକାକରଣ ଭଣ୍ଡାର, ମେଡିସିନ ଷ୍ଟୋର, ମେଡିକାଲ ପରିସର ଓ ବାୟୋମେଡିକାଲ କଣ୍ଟନମେଣ୍ଟ ଏରିଆ ପରିଦର୍ଶନ କରିଥିଲେ। ଏଥିସହିତ ମେଡିକାଲ ରେଜିଷ୍ଟର ଯାଞ୍ଚକରି ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅମିତ୍ କୁମାର ମଲ୍ଲିକ୍, ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ, ଫାର୍ମାସୀ ଅଧିକାରୀ ଦୁର୍ଗାଚରଣ ସୋରେନ୍, ବିଏଏମ୍ ଅମରନାଥ ଦାସ, ବିଡିଏମ୍ ନିରୂପମା ସ୍ୱାଇଁ, ନର୍ସି ଅଧିକାରୀ ବିଦ୍ୟୁତ୍‌ପ୍ରଭା ପରିଡ଼ା, ପିଏଚ୍ଇଓ ସ୍ନେହଲତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ ମୁଗ ବିହନ କର୍ମଚାରୀଙ୍କ ଘରେ ଗଚ୍ଛିତ ରଖିବା ଘଟଣା

## ତଦନ୍ତ କରିବ ଜିଲ୍ଲା ପ୍ରଶାସନ; ଖୋଲିବ ଗୁମର

ଗରଦପୁର, ୨।୩ (ସମିସ): ଚାଷୀଙ୍କୁ ମାଗଣା ମୁଗ ବିହନ ଦେବା ବଦଳରେ କର୍ମଚାରୀଙ୍କ ଘରେ ଗଚ୍ଛିତ ରଖିବା ଘଟଣା ଦିନକୁ ଦିନ ଜଟିଳ ହେଉଛି। ଏହି ଘଟଣାରୁ ବର୍ତ୍ତିବା ପାଇଁ କେତେଜଣ କର୍ମଚାରୀ ଜଣେ କୃଷକସାଥୀଙ୍କ ଘରେ ବସି ଘଣ୍ଟା ଘଣ୍ଟା ଆଲୋଚନା କରିଥିଲେ। ଶେଷରେ ସରକାରୀ ଲୋଗୋ ଥିବା ମୁଗ ବସ୍ତାଗୁଡ଼ିକୁ ଅନ୍ୟ ସାଧା ବସ୍ତାରେ ପୁରାଇ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଦେଖିବାକୁ ମିଳିଛି। କାଳେ ଧରାପଡ଼ିଯିବେ ସେହି ଭୟରେ ଗୋଟେ ଗୋଟେ ବାଇକରେ ମୁଗ ସବୁ ବୁହା ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଛାନବିନ କରିବାରୁ ଚାଷୀଙ୍କ ବଦଳରେ ଏହି ମୁଗ ସବୁ ବିକ୍ରୀ ହେବାକୁ ଯୋଜନା ହୋଇଥିଲା। ଏନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ପରେ କର୍ମଚାରୀଙ୍କ ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ତେବେ ଏନେଇ ଚାଷୀଙ୍କୁ ଯୋଗାଡ କରି ଦସ୍ତଖତ କରାଇ ନେଇ ପ୍ରମାଣ ଦେଖାଇବାକୁ ଚେଷ୍ଟା କରାଯାଉଛି। ହେଲେ ଯେଉଁ ଚାଷୀମାନେ ମୁଗ ପାଇନାହାଁନ୍ତି ସେମାନେ ସିଧାସଳଖ ଦସ୍ତଖତ ଦେବେ ନାହିଁ ବୋଲି ମନା କରିଦେଇଛନ୍ତି। ସବୁଠାରୁ ବଡ କଥା ହେଲା ଗରଦପୁର ବ୍ଲକ କୃଷି କାର୍ଯ୍ୟାଳୟକୁ କେତେ ମୁଗ ଆସିଥିଲା ଆଉ କେତେ ବଣ୍ଟନ ହୋଇଛି କୃଷି ଅଧିକାରୀଙ୍କୁ ପଚାରିଥିଲେ ମଧ୍ୟ ଉତ୍ତର ମିଳିନଥିଲା। ଏ ନେଇ ଜିଲ୍ଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଖୁବଶୀଘ୍ର ଏହି ଘଟଣାର ତଦନ୍ତ ହେବ। କୃଷି ବିଭାଗ ପକ୍ଷରୁ ବଣ୍ଟନ ହୋଇଥିବା ସମସ୍ତ ଚାଷୀଙ୍କ ଘରକୁ ଯାଇ ପଚରାଉଚରା କରାଯିବ। ଯଦି ଏହି ଘଟଣାରେ କେହି କିଛି ଭୁଲ କରିଥିବା ପ୍ରମାଣିତ ହୁଏ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନେଇ ସେ ପ୍ରତିଶୃତି ଦେଇଛନ୍ତି।

### କନ୍ୟାଭ୍ରୁଣ ହତ୍ୟା ନିଷେଧ ଉପଦେଷ୍ଟାମଣ୍ଡଳୀ ବୈଠକ

## ଜିଲ୍ଲାରେ ସିଲ୍ ହୋଇଛି ୧୧ ଅଲଟ୍ରାସାଉଣ୍ଡ କ୍ଲିନିକ୍




କେନ୍ଦ୍ରାପଡ଼ା, ୨।୩ (ସମିସ):

କନ୍ୟାଭ୍ରୁଣ ହତ୍ୟା ନିଷେଧ ଉପଦେଷ୍ଟାମଣ୍ଡଳୀ ବୈଠକରେ ଜିଲ୍ଲାରେ କନ୍ୟାଭ୍ରୁଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନ କଡାକଡି ଭାବେ ପାଳନ ଉପରେ ଗୁରୁତ୍ୱ ପ୍ରକାଶ କରାଯାଇଛି। ଜିଲ୍ଲାରେ କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଥିଲେ ସମ୍ପୃକ୍ତ କ୍ଲିନିକ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଦେଷ୍ଟା ମଣ୍ଡଳୀ ବୈଠକରେ ଜିଲ୍ଲାପାଳ ପ୍ରକାଶ କରିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ମୋଟ ୧୩ଟି ଅଲଟ୍ରାସାଉଣ୍ଡ କ୍ଲିନିକ୍ ଥିବାବେଳେ ସେଥିମଧ୍ୟରୁ ସରକାରୀ ଭାବେ ୩ଟି ଓ ଆଇନ ଅନୁଯାୟୀ ୧୦ଟି ବେସରକାରୀ ଭାବେ କାର୍ଯ୍ୟକ୍ଷମ ରହିଛି। ଜିଲ୍ଲାରେ ୧୧ଟି ଅଲଟ୍ରାସାଉଣ୍ଡ କ୍ଲିନିକ ସିଲ କରାଯାଇଛି। ଏବେ ୩ଟି ସଂସ୍ଥା ଅଲଟ୍ରାସାଉଣ୍ଡ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରି କାର୍ଯ୍ୟକ୍ଷମ ପାଇଁ ସରକାର ତଥା ଜିଲ୍ଲା ପ୍ରଶାସନର ଅନୁମତି ପାଇଁ ଆବେଦନ କରିଥିବାବେଳେ ୬ଟି ସଂସ୍ଥା ଅଲଟ୍ରାସାଉଣ୍ଡ କ୍ଲିନିକ୍ ଖୋଲିବାକୁ ଆବେଦନ କରିଛନ୍ତି। ଏହାପରେ ଅଣ ସଂକ୍ରାମକ ରୋଗ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରି ପ୍ରତ୍ୟେକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବାକୁ ପରାମର୍ଶ ଦେବା ସହ ପ୍ରତ୍ୟେକ ମାସରେ ଏହାର ଅଗ୍ରଗତି ସମ୍ପର୍କରେ ତାଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଅନିତା ପଟ୍ଟନାୟକ, ମେଡ଼ିକାଲ ଅଧୀକ୍ଷକ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସଚ୍ଚିଦାନନ୍ଦ ମିଶ୍ର, ଡ଼ା ନୃପେନ କୁମାର ଶତପଥୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ଡ଼ା ଅଶୋକ କୁମାର କର, ଡିପିଏସ ଗୀତାଞ୍ଜଳୀ ଦାଶ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲାର ସମସ୍ତ ଭାରପ୍ରାପ୍ତ ମେଡ଼ିକାଲ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ନୂତନ ମତ୍ସ୍ୟ ଯାଆଁଳ ହାଚେରୀ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଡେରାବିଶ, ୨।୩ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବବୃହତ ମଧୁର ଜଳ ଯାଆଁଳ ଉତ୍ପାଦନ କେନ୍ଦ୍ର ଗରଦପୁର ବ୍ଲକ ଅନ୍ତର୍ଗତ ଭଗବାନପୁରସ୍ଥିତ ମା' ବୁଢ଼ୀ ଜାଗୁଲାଇ ଫିସ୍ ସିଡ୍ ହାଚେରୀର ଏକ ନୂତନ ମତ୍ସ୍ୟ ଯାଆଁଳ ହାଚେରୀ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ମତ୍ସ୍ୟରୋଗ ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଭୁବନେଶ୍ୱର ସ୍ଥିତ ସିଫାର ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ହାଚେରୀ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସମ୍ମାନିତ ଅତିଥିଭାବେ ବୈଜ୍ଞାନିକ ଡକ୍ଟର ମାନସ କୁମାର ସିହ୍ନା, ସିଫାର ବୈଜ୍ଞାନିକ ଡକ୍ଟର ଜେ. କେ. ସୁନ୍ଦରରାୟ, ଡକ୍ଟର ସ୍ୱାତା ମହାନ୍ତି, ଡକ୍ଟର ପଙ୍କଜ କୁମାର ତିୱାରି ଓ କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ଉପସ୍ଥିତ ରହି ଉନ୍ନତମାନର ମଧୁରଜଳ ମାଛ ଚାଷ କରିବା ସମ୍ପର୍କରେ ଉପସ୍ଥିତ ମତ୍ସ୍ୟଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ସିଫାର ବୈଜ୍ଞାନିକ ମାନଙ୍କ ଦ୍ୱାରା ଗବେଷଣା କରାଯାଇ ଉତ୍ପାଦନ କରାଯାଇଥିବା ଅଧିକ ଅମଳକ୍ଷମ ଜୟନ୍ତୀ ରୋହି, ଅମୃତ କାଟଲା, ଜିଆଇ କାଟଲା ଓ ଅମୃତ କାପ୍ ଭଳି ଉନ୍ନତ କିସମର ମାଛ ଯାଆଁଳ ବ୍ୟବହାର କରିବା ସହିତ ପୋଖରୀର ପାଣି, ଉପଯୁକ୍ତ ପରିମାଣର ଖାଦ୍ୟ ରୋଗ ନିରାକରଣ ପ୍ରତି ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ।



ସଚେତନତା ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡ଼ୋଶୀ ଜଗତସିଂହପୁର, ଯାଜପୁର, କଟକ, ଢେଙ୍କାନାଳ ସମେତ ପଶ୍ଚିମବଙ୍ଗ ଅଞ୍ଚଳରୁ ଶତାଧିକ ଚାଷୀ ଉପସ୍ଥିତ ରହି ମତ୍ସ୍ୟବୈଜ୍ଞାନିକମାନଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅବସରରେ ଏହି ହାଚେରୀର ଉଦ୍ୟୋଗୀ ଝିନା ପରିଡ଼ା କେନ୍ଦ୍ରର ଲାଭାଂଶକୁ ଚାଷୀମାନଙ୍କ ମଧ୍ୟରେ ଆବଶ୍ୟକ ସ୍ଥଳେ ଯାଆଁଳ ମୂଲ୍ୟର ଶତକଡ଼ା ୨୫ ଭାଗ ମତ୍ସ୍ୟ ଦାନା ଓ ଔଷଧରେ ଶତକଡ଼ା ୫୦ ଭାଗ ରିହାତି ପ୍ରଦାନ କରିଥାନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଏହି ହାଚେରୀର ଅନ୍ୟତମ ପରିଚାଳିକା ଲାଳିମା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

